CMYK


THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ

କୃତ୍ରିମ ବୁଦ୍ଧିମତ୍ତାର ସମ୍ପୂର୍ଣ୍ଣ ବିକାଶ ଘଟିଲେ ମଣିଷ–ମଣିଷ ମଧ୍ୟରେ ପ୍ରତିଯୋଗିତାର ଅନ୍ତ ହେବ ।
–ଷ୍ଟିଫେନ୍ ହକିଙ୍ଗ



♦ବର୍ଷ–୨ ♦ସଂଖ୍ୟା–୧୬ ♦ବରଗଡ଼ ♦ ୨୪ ଫେବ୍ରୁଆରୀ–୩ ମାର୍ଚ୍ଚ ୨୦୨୩ ♦୫ ଟଙ୍କା ♦ପୃଷ୍ଠା–୮ ♦VOL-2 ♦ISSUE- 16♦BARGARH ♦ 24 FEB- 3 MAR 2023 ♦RS.5/- ♦PAGE-8

ହିମାଳୟ ଅଞ୍ଚଳରେ ହୋଇପାରେ ବଡ଼ ଭୂକମ୍ପ ପୃଷ୍ଠା–୩➔



ବ୍ୟବସାୟ ଦୁନିଆରେ ଆଲିଆ ପୃଷ୍ଠା–୫➔



ବର୍ଷକ ମଧ୍ୟରେ ପଦମପୁର ହେବ ଜିଲ୍ଲା ପୃଷ୍ଠା–୭➔




କ୍ରିକେଟ୍–ବଲିଉଡ୍ ଯୋଡ଼ି ପୃଷ୍ଠା–୮➔



# ବିଶ୍ୱରେ ତାତି–ଥଣ୍ଡାର ଆତଙ୍କ

## ପୃଥିବୀର ୫୦ଟି ବିପଦପୂର୍ଣ୍ଣ ରାଜ୍ୟ ମଧ୍ୟରୁ ଭାରତର ୯ ରାଜ୍ୟ ସାମିଲ

ଭୁବନେଶ୍ୱର: ଉତ୍ତର ଓ କେନ୍ଦ୍ରୀୟ ଭାରତର ଅଧିକାଂଶ ସ୍ଥାନରେ ପାରଦ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଦିନକୁ ଦିନ ଶୀତ କମିଯାଇଛି ଏବଂ ଫେବ୍ରୁଆରୀ ମାସରେ ମାର୍ଚ୍ଚ/ଏପ୍ରିଲ ଶେଷର ଉଷ୍ମତାକୁ ଅନୁଭବ କରାଉଛି । ଶୀତ ଓ ଗ୍ରୀଷ୍ମ ମଧ୍ୟରେ ଆସୁଥିବା ବସନ୍ତ ଋତୁ ଧୀରେ ଧୀରେ ଋତୁଚକ୍ରରୁ ଉଭେଇ ଯାଉଛି । ଅନ୍ୟପକ୍ଷରେ ଜଳବାୟୁ ପରିବର୍ତ୍ତନକୁ ନେଇ ଏକ ଆଶ୍ଚର୍ଯ୍ୟଜନକ ରିପୋର୍ଟ ପ୍ରକାଶ ପାଇଛି । ୨୦୫୦ ବର୍ଷକୁ ଦୃଷ୍ଟିରେ ରଖି କ୍ରସ ଡିପେଣ୍ଡେନ୍ସି ଇନିସିଏଟିଭ୍(ଏକ୍ସଡିଆଇ) ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ଏହା ପୃଥିବୀର ୨,୬୦୦ ରାଜ୍ୟ ଏବଂ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଛି । ରିପୋର୍ଟ ଅନୁଯାୟୀ, ଭାରତର ୯ଟି ରାଜ୍ୟରେ ମନୁଷ୍ୟକୃତ ସରଞ୍ଚନା ଜଳବାୟୁ ପରିବର୍ତ୍ତନ ଯୋଗୁ ଅଧିକ ବିପଦରେ ରହିଛି । ରିପୋର୍ଟ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ପାଇଁ ପୃଥିବୀର ୫୦ଟି ବିପଦପୂର୍ଣ୍ଣ ରାଜ୍ୟ ମଧ୍ୟରୁ ନଅଟି ରାଜ୍ୟ ଭାରତରେ ଅଛି । ଏଥି ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ଆସାମ, ରାଜସ୍ଥାନ, ତାମିଲନାଡୁ, ମହାରାଷ୍ଟ୍ର, ଗୁଜୁରାଟ, ପଞ୍ଜାବ ଏବଂ କେରଳ ଅନ୍ତର୍ଭୁକ୍ତ । ୧୦୦ ଟି ସହର ତାଲିକାରେ ୧୪ ଟି ଭାରତୀୟ ରାଜ୍ୟର ସହର ଅଛି । ଏଥି ମଧ୍ୟରେ ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ହରିୟାଣା, କର୍ନାଟକ, ଆନ୍ଧ୍ରପ୍ରଦେଶ, ଜମ୍ମୁ–କଶ୍ମୀର, ହିମାଚଳ ପ୍ରଦେଶ, ଦିଲ୍ଲୀ ଏବଂ ଉତ୍ତରପ୍ରଦେଶ ଆଦି ରାଜ୍ୟର ସହର ରହିଛି ।

ଜଳବାୟୁ ପରିବର୍ତ୍ତନ ଏବଂ ବିପଜ୍ଜନକ ପାଣିପାଗ ଘଟଣା ଦ୍ୱାରା ମାନବ କାର୍ଯ୍ୟକଳାପ ତଥା ମନୁଷ୍ୟକୃତ ପରିବେଶ, ଘରଠାରୁ କୋଠା ପର୍ଯ୍ୟନ୍ତ ହୋଇଥିବା କ୍ଷୟକ୍ଷତିର ପୂର୍ବାନୁମାନ ଏହି ରିପୋର୍ଟ ଉଲ୍ଲେଖ କରାଯାଇଛି । ରିପୋର୍ଟରେ ବନ୍ୟା, ଜଙ୍ଗଲରେ ନିଆଁ, ଉତ୍ତାପ ତରଙ୍ଗ, ସମୁଦ୍ର ପତ୍ତନ ବୃଦ୍ଧି ଭଳି ବିପଦର ବୃଦ୍ଧି ହେବାର ସୂଚନା ଅଛି । ଜଳବାୟୁ ପରିବର୍ତ୍ତନ ହେତୁ ଆର୍ଥିକ କ୍ଷତି ମଧ୍ୟ ବିନାଶର ଏକ ପ୍ରମୁଖ ବିପଦ ବୋଲି ଦର୍ଶାଯାଇଛି । ଗୋଟିଏ ଦେଶରେ ସର୍ବାଧିକ ବିପଜ୍ଜନକ ସ୍ଥାନ ଆଧାରରେ ଚାଇନା ତାଲିକାର ଶୀର୍ଷରେ ରହିଛି । ଆମେରିକା ଦ୍ୱିତୀୟ ସ୍ଥାନରେ ରହିଛି ।

ବିଶ୍ଳେଷକମାନେ କହିଛନ୍ତି ଯେ ବିପଦ ଥିବା ଅଞ୍ଚଳଗୁଡିକ ଉଭୟ ଉପକୂଳ ଏବଂ ଆଭ୍ୟନ୍ତରୀଣ । ସେଠାରେ ନିର୍ମିତ ଭିତ୍ତିଭୂମି ନଷ୍ଟ ହେବାର ଆଶଙ୍କା ରହିଛି । ରିପୋର୍ଟରେ ଥିବା ବିପଦ ତାଲିକାରେ ଅନ୍ତର୍ଭୁକ୍ତ ସହରଗୁଡିକରେ ଅତ୍ୟଧିକ ଉତ୍ତାପ, ବନ୍ୟପ୍ରାଣୀ, ମୃତ୍ତିକା କ୍ଷୟ, ଅତ୍ୟଧିକ ପବନ ଏବଂ ଅତ୍ୟଧିକ ଥଣ୍ଡା ହେବାର ଆଶଙ୍କା ରହିଛି । ବେଜିଂ, ବୁଏନୋସ ଆଇରେସ, ହୋ ଚି ମିନି ସିଟି, ଜାକର୍ତ୍ତା, ମୁମ୍ବାଇ, ସାଓ ପାଉଲୋ ଏବଂ ତାଇୱାନ ୧୦୦ ବିପଦପୂର୍ଣ୍ଣ ଅଞ୍ଚଳ ତାଲିକାରେ ଅଛନ୍ତି । ଅଷ୍ଟ୍ରେଲିଆ, ବେଲଜିୟମ, କାନାଡା, ଜର୍ମାନୀ ଏବଂ ଇଟାଲୀର ଅଞ୍ଚଳ ମଧ୍ୟ ଏହି ତାଲିକାର ସାମିଲ ହୋଇଛନ୍ତି । ୟୁରୋପରେ ଜର୍ମାନୀର ଲୋୟର ସାକ୍ସୋନି ପ୍ରଦେଶ ସର୍ବାଧିକ ବିପଦରେ ଥିବାବେଳେ ଭେନିସ ସହରକୁ ଘେରି ରହିଥିବା ଭେନେଟୋ ପ୍ରଦେଶ ଚତୁର୍ଥ ସ୍ଥାନରେ ରହିଛି ।

ସମଗ୍ର ବିଶ୍ୱକୁ ଚିନ୍ତିତ କରିଥିବା ପାଞ୍ଚଟି ପ୍ରମୁଖ ପ୍ରାକୃତିକ ପରିବର୍ତ୍ତନକୁ ରିପୋର୍ଟରେ ସାମିଲ କରାଯାଇଛି । ପ୍ରଥମରେ ଧସି ଯାଉଥିବା ଜମି ରହିଛି । ସମ୍ପ୍ରତି ପୃଥିବୀର ଅନେକ ଦେଶରେ ଜମି ଧସିବା ଘଟଣା ସାମ୍ନାକୁ ଆସିଛିଛ ଭାରତର ଉତ୍ତରାଖଣ୍ଡର ଜୋଶୀମଠ ଏହାର ସର୍ବଶେଷ ଉଦାହରଣ । ସେହିପରି ଆମେରିକା, ମେକ୍ସିକୋ ସମେତ ଅନେକ ଦେଶରେ ପର୍ବତଗୁଡିକ ଭୁଶୁଡି ପଡୁଛି । ➔ପୃଷ୍ଠା–୭



### ବସନ୍ତକୁ ଜାଳି ମାଡ଼ି ଆସୁଛି ଗ୍ରୀଷ୍ମ

ଓଡ଼ିଶାରେ ଆରମ୍ଭ ହେଲା ତାତିର ରାଜୁତି । ବସନ୍ତକୁ ଜାଳି ମାଡ଼ି ଆସୁଛି ଗ୍ରୀଷ୍ମ । ରାଜ୍ୟରେ ଏବେଠୁ ଉପରମୁହାଁ ପାରଦ । ପ୍ରବଳ ଖରା ସହ ବହୁଛି ଝାଞ୍ଜି ପବନ । ଧିରେ ଧିରେ ରାଜ୍ୟର ଉତ୍ତପ୍ତ ସହର ପାଲଟୁଛି ରାଜଧାନୀ ଭୁବନେଶ୍ୱର । ଅସ୍ତବ୍ୟସ୍ତ କରି ଦେଉଛି ଜୀବନ ଯାତ୍ରା । ଗ୍ରୀଷ୍ମ ଆରମ୍ଭ ହୋଇନି, ରାଜ୍ୟର ଉତ୍ତପ୍ତ ସହର ଭୁବନେଶ୍ୱରରେ ପାରଦ ୪୦ ଡିଗ୍ରୀ ଛୁଇଁଛି । କ୍ରମାଗତ ଭାବେ ରାଜଧାନୀ ଓ ରାଜ୍ୟର ତାପମାତ୍ରା ବଢ଼ି ଚାଲିବ ଓ ମାର୍ଚ୍ଚ ପହିଲାରୁ ଭୀଷଣ ଗରମ ଆରମ୍ଭ ହୋଇଯିବ । ତେବେ ସହରୀକରଣ ଓ ଆର୍ଦ୍ରଭୂମିର ଅଭାବ ଭୁବନେଶ୍ୱର ପାଇଁ କାଳ ହେବ । ଏଥର ଗ୍ରୀଷ୍ମପ୍ରବାହ ରାଜଧାନୀବାସୀଙ୍କୁ କଲବଲ କରିବ ବୋଲି ପାଣିପାଗ ବିଜ୍ଞାନୀମାନେ କହିବା ସହ ଚିନ୍ତା ପ୍ରକଟ କଲେଣି ।

### ସମ୍ପାଦକୀୟ

ଅଡୁଆ କଥା

## କିଏ ଛାଡୁଛି ଫଟୋ

- କେବେ ଖୋଲିବ ନବଙ୍କ ହତ୍ୟା ଗୁମର
- ଗୃହରେ ବିବୃତ୍ତି ରଖିଲେ ମୁଖ୍ୟମନ୍ତ୍ରୀ
- ତଦନ୍ତରେ ସହଯୋଗ କରିବ ଏଫ୍‌ବିଆଇ

ଭୁବନେଶ୍ୱର: ଘଟଣାକୁ ୨୭ ଦିନ ବିତିଯାଇଥିଲେ ବି ନବ ଦାସଙ୍କୁ କାହିଁକି ମାରିଲା ଗୋପାଳ ଦାସ ଏବେ ବି ରହସ୍ୟାବୃତ୍ତ ହୋଇ ରହିଛି । କିନ୍ତୁ କେମିତି ମାରିଲା ଗୋପାଳ, ନିଇତି ନୂଆ ନୂଆ ଫଟୋ ଓ ଭିଡିଓ ଭାଇରାଲ ହେବାରେ ଲାଗିଛି । ତେବେ ହତ୍ୟାକାଣ୍ଡର ଏତେଦିନ ପରେ ହଠାତ ଏଭଳି ଚିତ୍ର ଭାଇରାଲ୍ ହେବା ଏବଂ ଏହା ପଛରେ କିଏ ଓ କ'ଣ ଉଦ୍ଦେଶ୍ୟ ତାକୁ ନେଇ ଚର୍ଚ୍ଚା ଚାଲିଛି । ନବଙ୍କ ଠିକ୍ ସାମ୍ନାରେ ଛିଡା ହୋଇ ଦୁଇ ହାତରେ ବନ୍ଧୁକକୁ ଧରି ସିଧା ଛାତିକୁ ଗୁଳି କରୁଥିବା ଫଟୋ ଭାଇରାଲ୍ ହୋଇଛି ।



ସେହିପରି ସର୍ଭିସ ରିଭଲବର ବାହାର କରୁଥିବାର ଏକ ଭିଡିଓ ମଧ୍ୟ ଭାଇରାଲ୍ ହେବାରେ ଲାଗିଛି । ସମର୍ଥକମାନେ ଫୁଲମାଳ ଦେଉଥିବାବେଳେ ସାମ୍ନାରେ ଓ ଅତି ପାଖରେ ଛିଡା ହୋଇ ଗୁଳି କରିଛି ଗୋପାଳ । ଯଦିଓ ନବ ଦାସଙ୍କୁ ଗୋପାଳ ହିଁ ଗୁଳି କରି ମାରିଥିବା କଥା ଏକାଧିକ ଭିଡିଓ ଏବଂ ଏହି ଫଟୋରୁ ସ୍ପଷ୍ଟ ହୋଇଛି । କିନ୍ତୁ ଗୋପାଳ କାହିଁକି ନବଙ୍କୁ ହତ୍ୟାକଲା ତାର କାରଣ ଖୋଜୁଛି କ୍ରାଇମବ୍ରାଞ୍ଚ ।

ଏହାରି ଭିତରେ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତ୍ତି ରଖି କହିଥିଲେ ଯେ, ଅପରାଧୀର ବ୍ୟାବହାରିକ ବିଶ୍ଳେଷଣ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ଆମେରିକାର ଏଫ୍‌ବିଆଇର ସହାୟତା ପାଇଁ କ୍ରାଇମବ୍ରାଞ୍ଚ ଉଦ୍ୟମ କରୁଛି । ଯେହେତୁ ଏଫ୍‌ବିଆଇ ଆଚରଣ ବିଶ୍ଳେଷଣରେ ନିପୁଣ, ସେଥିପାଇଁ ସେମାନଙ୍କ ବିହେଭିୟୋରାଲ୍ ସପୋର୍ଟ ୟୁନିଟ ସଙ୍ଗେ ଯୋଗାଯୋଗ କରାଯିବା ସହ ଏ ଦିଗରେ ସହଯୋଗ କରିବାକୁ କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ଅନୁରୋଧ କରାଯାଇଛି । ➔ପୃଷ୍ଠା–୭

### ➲➲ ଆସିଲା ଅର୍ଥନୈତିକ ସର୍ଭେ ରିପୋର୍ଟ

# ଦ୍ରୁତ ଅଭିବୃଦ୍ଧିରେ ଓଡ଼ିଶା, କମିଛି ଦାରିଦ୍ର୍ୟ

ଭୁବନେଶ୍ୱର: କ'ଣ ହେବ ରାଜ୍ୟ ବଜେଟ୍‌ର ରୂପରେଖ ? ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ପେଡ଼ିରୁ କ'ଣ ବାହରିବ ? ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳିର ଏହା ଶେଷ ପୂର୍ଣ୍ଣାଙ୍ଗ ବଜେଟ୍ ହୋଇଥିବାରୁ କଣ ଆସିବ ଲୋଭନୀୟ ସ୍କିମ୍ ? ଏସବୁକୁ ନେଇ ଚର୍ଚ୍ଚା ଭିତରେ ୨୦୨୨–୨୩ ବର୍ଷ ପାଇଁ ଓଡ଼ିଶା ଅର୍ଥନେତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି । ପ୍ରକାଶିତ ରିପୋର୍ଟ ଅନୁଯାୟୀ, ରାଜ୍ୟରେ ଅଭିବୃଦ୍ଧି ବଢ଼ିଛି, ଦାରିଦ୍ର୍ୟ ହ୍ରାସ ପାଇଛି । ଆର୍ଥିକ ସ୍ଥିରତା ରାଜ୍ୟର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛି । ରାଜ୍ୟର ମୋଟ ଉତ୍ପାଦ (ଜିଏସ୍‌ଡିପି) ଅଭିବୃଦ୍ଧି ହାର ଜାରତୀୟ ହାରଠାରୁ ଢେର ଉପରେ ରହିଛି । ୨୦୨୩ରେ ଜାତୀୟ ଅଭିବୃଦ୍ଧି ହାର ୭ ପ୍ରତିଶତ ଆକଳନ କରାଯାଇଥିବା ବେଳେ ଓଡ଼ିଶାର ଅଭିବୃଦ୍ଧି ହାର ୭.୮୨ ପ୍ରତିଶତ ରହିବ ବୋଲି ଆକଳନ

- ଜାତୀୟ ହାରଠାରୁ ରାଜ୍ୟ ଜିଡ଼ିପି ହାର ଉର୍ଦ୍ଧ୍ୱରେ
- ମୁଣ୍ଡପିଛା ଆୟ ବଢ଼ି ଦେଢ଼ଲକ୍ଷ
- ୮.୫% ହାରରେ ଆଗକୁ ବଢ଼ିବ ଓଡ଼ିଶା

ହୋଇଛି । ଜାତୀୟ ହାର ତୁଳନାରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର କ୍ରମାଗତ ଅଧିକ ରହିଛି । ୧୫ ବର୍ଷ ଧରି ଓଡ଼ିଶା ରାଜସ୍ୱ ବଳକା ରାଜ୍ୟ ହୋଇ ରହିଛି । କୃଷି, ଶିଳ୍ପ, ସେବା କ୍ଷେତ୍ର, ମହିଳା ନିଯୁକ୍ତି କ୍ଷେତ୍ରରେ ➔ପୃଷ୍ଠା–୭



THE AADHAR ODISHA
ଆଧାର୍ ଓଡ଼ିଶା
୨୪ ଫେବ୍ରୁଆରୀ – ୩ ମାର୍ଚ୍ଚ ୨୦୨୩



## ଅଡୁଆ କଥା

ସଂଘ ସରକାର ଫେବୃୟାରୀ ଦ୍ୱିତୀୟ ସପ୍ତାହରେ କେତେକ ରାଜ୍ୟରେ ନୂଆ ରାଜ୍ୟପାଳ ନିଯୁକ୍ତି କରିଛନ୍ତି। ରାଜ୍ୟପାଳ ଚୟନ କରିବା ସଂଘ ସରକାରଙ୍କ ଅଧିକାର। କାହାକୁ ସେହି ପଦବୀରେ ନିଯୁକ୍ତ  ମିଳିଲା ସେଥିରେ କାହାର ଆପତ୍ତି ନ ରହିବା କଥା। ସାଧାରଣତଃ ସକ୍ରିୟ ମାତ୍ର ବୟସାଧିକ୍ୟ ରାଜନୀତିଜ୍ଞଙ୍କୁ ଅବସର ବାଟ ଦେଖାଇବା ଲାଗି ଏହି ପଦବୀରେ ବସାଯାଇଥାଏ। ବେଳେ ବେଳେ ହାଇକମାଣ୍ଡଙ୍କ ପସନ୍ଦ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଦଳର କୌଣସି ଆଣ୍ଠୁଆ ନେତା ମେଖିଡି ବାହାର କଲେ ଅସନ୍ତୋଷ ରୋକିବା ଲାଗି ସେହି ଖେଞ୍ଚମରା ନେତାଙ୍କୁ ରାଜ୍ୟ ରାଜନୀତିରୁ ଦୂରେଇ ରଖିବା ଲାଗି ରାଜ୍ୟପାଳ କିମ୍ବା ରାଜ୍ୟସଭା ସଦସ୍ୟ କରି ଦିଆଯାଏ। ଏମିତିରେ ଦେଖିଲେ ରାଜ୍ୟପାଳ ଏକ ଆଳଙ୍କାରିକ ସାମ୍ବିଧାନିକ ପଦବୀ। ସେ ନିର୍ଦ୍ଦଳୀୟ ଭାବେ କାର୍ଯ୍ୟ କରିବା ଆଶା କରାଯାଏ। ବିଧାନସଭା ନିର୍ବାଚନ ପରେ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଦଳ ଦ୍ୱାରା ଚୟନୀକୃତ ନେତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରାଇବା ଏବଂ ତାଙ୍କ ପରାମର୍ଶ କ୍ରମେ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟଙ୍କୁ ନିଯୁକ୍ତି ଦେବା ହେଉଛି ତାଙ୍କର ପ୍ରମୁଖ ଦାୟିତ୍ୱ। ପ୍ରତିବର୍ଷ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭରେ ଗାଦି ଆସୀନ ସରକାର ଦ୍ୱାରା ପ୍ରସ୍ତୁତ ରିପୋର୍ଟକୁ ନିଜ ଅଭିଭାଷଣ ଭାବେ ପଢିବା, ବିଧାନସଭାରେ ଗୃହିତ ବିଲ୍‌କୁ ଅନୁମୋଦନ ଦେବା ଏବଂ ଅନ୍ୟ ସମୟରେ  ବିଭିନ୍ନ ବଡ ଧରଣର ଅଣରାଜନୈତିକ ସମ୍ମିଳନୀ, ଉତ୍ସବରେ ଯୋଗ ଦେବାରେ ରାଜ୍ୟପାଳଙ୍କ ଭୂମିକା ସୀମିତ ଥାଏ।

ତେବେ ଚିତ୍ର ବଦଳି ଯାଏ ଯେତେବେଳେ ବିଧାନସଭା ନିର୍ବାଚନରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳେନି। ଏଭଳି ସ୍ଥିତିରେ ରାଜ୍ୟପାଳଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡେ। ସେତେବେଳେ ଦେଖିବାକୁ ମିଳେ ଯେ କେତେକ ରାଜ୍ୟପାଳ ସଂଘ ସରକାର ଚଳାଉଥିବା ଦଳର ଦଳପାଳ ବେଶ ପଡିଯାଆନ୍ତି। ସେହି ଦଳକୁ ଯେପରି ମୁଖ୍ୟମନ୍ତ୍ରୀ ପଦବୀ ମିଳିବ ତାହା ସୁନିଶ୍ଚିତ କରିବା ସକାଶେ କ୍ଷେତ୍ର ପ୍ରସ୍ତୁତ କରିଥାନ୍ତି।  କେବେ କେବେ ଆଉ କିଛି ରାଜ୍ୟପାଳ ପୂର୍ଣ୍ଣ ବହୁମତରେ ଥିବା ବିପକ୍ଷ ଦଳର ରାଜ୍ୟ ସରକାରଙ୍କୁ  ବିଭିନ୍ନ କଥାରେ କଣ୍ଟା ଗେଞ୍ଜିବାକୁ ତତ୍ପର ଥାଆନ୍ତି। ଲକ୍ଷ୍ୟ ହେଲା ଆହୁରି ବଡ ପଦବୀ ପାଇବା। କିଛି ବର୍ଷ ପୂର୍ବେ ପଶ୍ଚିମବଙ୍ଗରେ ଏହି ଭଳି ଜଣେ ରାଜ୍ୟପାଳ ଥିଲେ। ସେ ପୁରସ୍କୃତ ହୋଇଛନ୍ତି ମଧ୍ୟ। ସେ ଯାହାହେଉ, ଜଣେ ରାଜ୍ୟପାଳ ସାମ୍ବିଧାନିକ ପରିଧିରେ କାର୍ଯ୍ୟକରନ୍ତୁ ବା ତାହାକୁ ଉଲ୍ଲଂଘନ କରନ୍ତୁ, ତାହା ହେଉଛି ରାଜନୀତିର ଖେଳ।  ରାଜନୀତି ଓ କୂଟନୀତି ଅନେକ ସମୟରେ ଫେଣ୍ଟାଫେଣ୍ଟି ହୋଇ ଦୃଶ୍ୟମାନ ହୁଏ। ତେଣୁ ପାଚିଲା ରାଜନୀତିଜ୍ଞଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଗଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନ ଥାଏ। ମାତ୍ର ଯେତେବେଳେ କୌଣସି ଅବସରପ୍ରାପ୍ତ ବିଚାରପତିଙ୍କୁ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଏ ସେତେବେଳେ ତାହା ଅନେକ ପ୍ରଶ୍ନ ସୃଷ୍ଟି କରିଥାଏ। ବିଶେଷ ଭାବେ ଯେତେବେଳେ ଅବସରପ୍ରାପ୍ତ କୌଣସି ସୁପ୍ରିମକୋର୍ଟ ବିଚାରପତି ଏହି ପଦବୀ ଲାଗି ମନୋନୀତ ହୁଅନ୍ତି। କାରଣ ଭାରତବର୍ଷରେ ସରକାର ହେଉଛନ୍ତି ସବୁଠାରୁ ବଡ ଲିଟିଗାଣ୍ଟ ବା ମାମଲାଖୋର୍। ହାଇକୋର୍ଟରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଅଧିକାଂଶ ରିଟ୍ ଓ ଜନସ୍ୱାର୍ଥ ମାମଲା ସରକାରଙ୍କ ବିରୋଧରେ ରୁଜୁ ହୋଇଥାଏ। ହାଇକୋର୍ଟରେ ହାରିଲେ ସରକାର ସୁପ୍ରିମକୋର୍ଟ ଯାଇଥାନ୍ତି। ଏହାବ୍ୟତୀତ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ କୌଣସି ବିବାଦ ଉପୁଜିଲେ, ସୁପ୍ରିମକୋର୍ଟରେ ମାମଲା ପହଞ୍ଚେ। ସୁପ୍ରିମକୋର୍ଟଙ୍କ ରାୟ ଚୂଡାନ୍ତ ହୋଇଥାଏ।

ରାଜ୍ୟପାଳ ପଦବୀକୁ ନେଇ ଏତେ ସବୁ କଥା ଏଠାରେ ଅବତାରଣା କରିବାର ପ୍ରୟୋଜନ ଉପୁଜିଲା, ଯେହେତୁ ନିକଟରେ ଯେଉଁ ୫ ଜଣ ରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି, ସେମାନଙ୍କ ଭିତରେ ଅଛନ୍ତି ଜଣେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଏସ. ନଜୀର। ଜଷ୍ଟିସ୍ ନଜୀର ସାଂପ୍ରତିକ ସଂଘ ସରକାର ସାମିଲ ଥିବା କିମ୍ବା ଆଗ୍ରହ ପ୍ରଦର୍ଶନ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ଦେଇଛନ୍ତି। ସେ ମଧ୍ୟରେ ପ୍ରମୁଖ ହେଲା ରାମ ଜନ୍ମଭୂମି ବନାମ ବାବ୍ରୀ ଢାଞ୍ଚା ବିବାଦ। ସଂଘ ସରକାର ଚଳାଉଥିବା ବିଜେପି ରାମ ଜନ୍ମଭୂମି ବିବାଦକୁ ଆୟୁଧ କରି ହିଁ ଅନେକ ହିନ୍ଦୁ ଭୋଟରଙ୍କୁ ନିଜ ସପକ୍ଷରେ କେନ୍ଦ୍ରୀଭୂତ କରିବାକୁ ସକ୍ଷମ ହୋଇଛି। ଏହାର ପରିଣାମରେ ୧୯୮୪ ସାଧାରଣ ନିର୍ବାଚନରେ ସଂସଦୀୟ ଆସନ ଦୃଷ୍ଟିରୁ ଦୁଇଅଙ୍କ ସଂଖ୍ୟା ଛୁଇଁ ପାରି ନ ଥିବା ବିଜେପି ୨୦୧୪ ମସିହାରୁ ସଂଘରେ ଗାଦି ଦଖଲ କରି ବସିଛି। ରାମ ଜନ୍ମଭୂମି–ବାବ୍ରୀ ଢାଞ୍ଚା ବିବାଦରେ ରାୟ ବିଜେପିକୁ ସୁହାଇଥିଲା। ଯେଉଁ ବେଞ୍ଚ ରାୟ ଦେଇଥିଲେ ସେଥିରେ ସାମିଲ ଥିଲେ ଜଷ୍ଟିସ୍ ନଜୀର। ତେଣୁ ତାଙ୍କୁ ରାଜ୍ୟପାଳ ପଦବୀରେ ପୁରସ୍କୃତ କରାଗଲା ବୋଲି ଚୁପୁରୁଚାପୁରୁ ଚାଲିଛି।

ଜଷ୍ଟିସ୍ ନଜୀର ରାମଜନ୍ମଭୂମି ବିବାଦର ରାୟ ଦେଇଥିବା ବେଞ୍ଚରେ ସାମିଲ ଥିବା, ସେହି ରାୟ ବିଜେପିକୁ ଖୁସି କରିବା ଏବଂ ସଂଘର ବିଜେପି ନେତୃତ୍ୱାଧୀନ ସରକାର ତାଙ୍କୁ ରାଜ୍ୟପାଳ ନିଯୁକ୍ତ କରିବା ଆକସ୍ମିକ ସଂଯୋଗ ମାତ୍ର ହୋଇପାରେ।  ଜଣେ ପୂର୍ବତନ ବିଚାରପତି ରାଜ୍ୟପାଳ ହେବାକୁ ବି କୌଣସି ଆଇନଗତ ବାଧା ନାହିଁ। ମାତ୍ର ସାମଗ୍ରିକ ଦୃଷ୍ଟିରୁ ବିବେଚନା କଲେ ଜଣେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ରାଜ୍ୟପାଳ ଭଳି ପଦବୀକୁ ଗ୍ରହଣ କରିବା ଶୋଭନୀୟ ଲାଗୁ ନାହିଁ।  ଉପରାଷ୍ଟ୍ରପତି କିମ୍ବା ରାଷ୍ଟ୍ରପତି ପଦବୀ ମିଳିଲେ ଠିକ୍ ଅଛି। କିନ୍ତୁ ରାଜ୍ୟପାଳ ? ଏଇଥିଲାଗି ରାଜ୍ୟପାଳ ପଦବୀରେ ଜଣେ ପ୍ରାକ୍ତନ ସୁପ୍ରିମକୋର୍ଟ ବିଚାରପତି ବସିବା ଅସୁନ୍ଦର ଯେହେତୁ ତାଙ୍କର କିଛି ସାମ୍ବିଧାନିକ କାର୍ଯ୍ୟ ସୁପ୍ରିମକୋର୍ଟଙ୍କ ତର୍ଜମା ପରିସରଭୁକ୍ତ। ଆବଶ୍ୟକ ସ୍ଥଳେ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ଅକାମୀ କରି ଦେଇପାରିବେ। ଚିନ୍ତା କରାଯାଉ, ରାଜ୍ୟପାଳ ଭାବେ ଜଷ୍ଟିସ୍ ନଜୀରଙ୍କ କୌଣସି ସାମ୍ବିଧାନିକ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ମାମଲା ହେଲା।  ସେହି ମାମଲାକୁ ବିଚାର କରିବେ କିଏ ? ସେହି ବିଚାରପତି ଯିଏ କି ତାଙ୍କଠାରୁ ସୁପ୍ରିମକୋର୍ଟରେ କନିଷ୍ଠ ଥିବେ କିମ୍ବା କଲେଜିୟମ ସଦସ୍ୟ ଭାବେ ଜଷ୍ଟିସ୍ ନଜୀର ଯାହାଙ୍କ ନାମ ସୁପାରିସ କରିଥିବେ। କଥାଟା ଅଡୁଆ ଲାଗୁନି କି ?

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା  ଠିକଣା**
ଇମେଲ୍– aadharodisha8@gmail.com
**ଯୋଗାଯୋଗ**–ପ୍ଲଟ୍ ନମ୍ବର–ପି–୪୨, ଲେନ୍–୧, ଫେଜ୍–୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା

# ସୃଜନ କୃତ୍ରିମ ବୁଦ୍ଧିମତ୍ତା ଅଭିଯାନ

ଡକ୍ଟର ପ୍ରଦୀପ ମହାପାତ୍ର




ଭାଷା, ସାହିତ୍ୟ ଓ ଗଣମାଧ୍ୟମ ମଞ୍ଚ ସାମ୍ବାଦିକତାର ବାହ୍ୟ ଆବରଣ । ଏହି ତିନିଗୋଟି କ୍ଷେତ୍ରରେ ଉନ୍ନତି ବା ଅବନତି ସଂପୃକ୍ତ ସାମ୍ବାଦିକତାର ଗୁଣବତ୍ତା ନିର୍ଦ୍ଧାରଣ କରିଥାଏ । ଭାଷା ସମୃଦ୍ଧ ନହେଲେ, ସାହିତ୍ୟଗତ ଶୈଳୀରେ ବିବିଧତା ପ୍ରସ୍ଫୁଟିତ ନହେଲେ କିମ୍ବା ଗଣମାଧ୍ୟମ ମଞ୍ଚଗୁଡ଼ିକ ସ୍ୱାଧୀନ, ସ୍ୱାବଲମ୍ବୀ ଓ ଶକ୍ତିଶାଳୀ ନହୋଇପାରିଲେ ସାମ୍ବାଦିକତାର ବିକାଶ ଅସଂଭବ । ଆଧୁନିକ ଯୁଗରେ ପ୍ରତ୍ୟେକ ଲକ୍ଷ୍ୟ ସାଧନ ନିମନ୍ତେ ଯୋଜନାବଦ୍ଧ ଉଦ୍ୟମ ପ୍ରତି ଗୁରୁତ୍ୱାରୋପ କରାଯାଇଥାଏ । ଓଡ଼ିଆ ସାମ୍ବାଦିକତାର ଉନ୍ନତିକଳ୍ପେ ସ୍ଥାନୀୟ ଭାଷା, ସାହିତ୍ୟ ଓ ଗଣମାଧ୍ୟମ ମଞ୍ଚ ବିକାଶ ଲାଗି ଲକ୍ଷ୍ୟବଦ୍ଧ ସମୟଭିତ୍ତିକ କାର୍ଯ୍ୟକ୍ରମ ପ୍ରଯୋଜନା ଆବଶ୍ୟକ । ଏହି ଦିଗରେ ସର୍ଜନଶୀଳଙ୍କ ବ୍ୟକ୍ତିଗତ ଉଦ୍ୟମ ପ୍ରାଥମିକତା ଦାବୀ କରୁଥିବା ସ୍ଥଳେ ଉଭୟ ନାଗରିକ ସମାଜ ଓ ସରକାରୀସ୍ତରରେ ପ୍ରୋତ୍ସାହନ ଅଭିଯାନର ସଫଳ ରୂପାୟନରେ ସହାୟକ ହୋଇପାରିବ ।

ଆନ୍ତର୍ଜାତିକସ୍ତରରେ କୋଭିଡ଼–୧୯ ମହାମାରୀ ପୂର୍ବାବସ୍ଥାର ପ୍ରଦ୍ୟୋଗୀକି ବିକାଶ ବିଭିନ୍ନ କାରଣରୁ ମହାମାରୀ କାଳରେ ଜନଜୀବନରେ ପ୍ରଖର ଗତିରେ ବ୍ୟବହାର୍ଯ୍ୟ ଧାରାରେ ପ୍ରବର୍ତ୍ତିତ ହୋଇଥିଲା । ମହାମାରୀ–ପର ପରିବର୍ତ୍ତିତ ପରିବେଶ 'ନ୍ୟୁ–ନରମାଲ'ରେ କ୍ରମ–ଉନ୍ମୋଚିତ ବିଭବଗୁଡ଼ିକ ମଧ୍ୟରେ ୨୦୨୨ ଶେଷ ପାଦରେ ପ୍ରଚଳିତ ଭାଷା ପ୍ରକ୍ରିୟାକରଣ 'ନାଚୁରାଲ ଲାଙ୍ଗୁଏଜ ପ୍ରୋସେସିଂ' କ୍ଷେତ୍ରରେ ସୃଜନ କୃତ୍ରିମ ବୁଦ୍ଧିମତ୍ତା 'ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ଭଳି ବୈଷୟିକ କୌଶଳ ଲୋକାର୍ପଣ ଯୁଗାନ୍ତକାରୀ ପରିବର୍ତ୍ତନର ସୂଚନା ଦେଇଛି । ୨୦୨୩ ଆରମ୍ଭରୁ ମାଇକ୍ରୋସଫଟ ସମର୍ଥିତ ଓପନ–ଏଆଇର 'ଚାଟ–ଜିପିଟି' ମଞ୍ଚର ପ୍ରସାର ଏବଂ ଗୁଗୁଲ ପକ୍ଷରୁ ତତସମ 'ବାର୍ଡ' ମଞ୍ଚ ଉନ୍ମୋଚନ ଘୋଷଣା ତଥା ବହୁ ଇଣ୍ଟରନେଟ ଉଦ୍ୟୋଗୀଙ୍କ ପକ୍ଷରୁ ନୂତନ ଉଦ୍ଭାବନ ପ୍ରକାଶନର ସମ୍ଭାବନା ସମଗ୍ର ଭାଷା, ସାହିତ୍ୟ ଓ ଗଣମାଧ୍ୟମ ମଞ୍ଚ ଉପତ୍ୟକାରେ ନବଜାଗରଣ ସୃଷ୍ଟି କରିଥିଲା ।

'ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ମାଧ୍ୟମରେ ସଫଟ୍‌ୱେର ଆପ୍ଲିକେସନ ଯୋଗେ ଇଣ୍ଟରନେଟରେ ଉପଲବ୍ଧ ତଥ୍ୟାବଳୀ ଆଧାରରେ ପ୍ରଶ୍ନର ଉତ୍ତର, ସାରାଂଶ ବା ବର୍ଣ୍ଣନା ସଂପର୍କୀତ ସ୍ୱୟଂକ୍ରିୟ ଧାରାରେ ରଚନା ପ୍ରସ୍ତୁତି ସଂଭବ । ପାରମ୍ପରିକଭାବେ ସର୍ଚ୍ଚ ଇଞ୍ଜିନ ଯୋଗେ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଉପଲବ୍ଧ ରଚନାବଳୀର ତାଲିକା ପ୍ରସ୍ତୁତ ସୁବିଧା ବ୍ୟବହୃତ ହୋଇ ଆସିଥିବା ସ୍ଥଳେ ପରବର୍ତ୍ତୀ ପର୍ଯ୍ୟାୟରେ ସେଗୁଡ଼ିକର ବିଶ୍ଳେଷଣାତ୍ମକ ରଚନା ପ୍ରସ୍ତୁତି ସଂଭବ ହୋଇପାରିଛି । ଏହି ବୈଷୟିକ ଅଗ୍ରଗତି ଡ଼ିଜିଟାଲ ମଞ୍ଚରେ ଉପଭୋକ୍ତାଙ୍କ ତଥ୍ୟ ଅନ୍ୱେଷଣ ଓ ଆହରଣ ପ୍ରକ୍ରିୟା ସଂପୂର୍ଣ୍ଣ ରୂପେ ବଦଳାଇଦେବା ନିଶ୍ଚିତ ।

ଚଳନ୍ତି ପରିବର୍ତ୍ତନ ଧାରାରେ ଭାରତ ମୂଳରୁ ଯୋଡ଼ି ହେବା ଉଲ୍ଲେଖନୀୟ ବିଷୟ । ଫେବୃୟାରୀ ୨୦୨୩ ପହିଲାରେ ଉପସ୍ଥାପିତ କେନ୍ଦ୍ର ବଜେଟ୍‌ରେ ଦେଶରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବିକାଶ ନିମନ୍ତେ ଗୁରୁତ୍ୱ ଦିଆଯାଇଛି । ତିନିଗୋଟି ବୈଷୟିକ ଶିକ୍ଷାନୁଷ୍ଠାନରେ ଗବେଷଣା ପ୍ରୋତ୍ସାହନ ନିମନ୍ତେ ଉତ୍କର୍ଷକେନ୍ଦ୍ର ପ୍ରତିଷ୍ଠା ଫଳରେ ନୂତନ ଜ୍ଞାନକୌଶଳ ପରିଚାଳନା ନିୟନ୍ତ୍ରଣ ଲାଗି ପରିବେଶ ସୃଷ୍ଟି ସଂଭବ । ସରକାରଙ୍କ ଜାତୀୟ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କାର୍ଯ୍ୟକ୍ରମରେ କୃଷି, ଶିକ୍ଷା, ଭାରତୀୟ ଆଞ୍ଚଳିକ ଭାଷା, ସ୍ମାର୍ଟ ସିଟି, ସାଇବର ସିକ୍ୟୁରିଟି, ପରିବହନ ଓ ଆର୍ଥିକ କାରବାର ଇତ୍ୟାଦି ନଅ ଗୋଟି ବିଷୟକୁ ପ୍ରାଧାନ୍ୟ ଦିଆଯାଇଛି । ଏହି ସବୁ କ୍ଷେତ୍ରରେ ବ୍ୟବହାର୍ଯ୍ୟ ଜ୍ଞାନକୌଶଳ ବିକାଶକୁ ପ୍ରୋତ୍ସାହିତ କରାଯିବ ।

ଡ଼ିଜିଟାଲ ମଞ୍ଚରେ ଭାରତୀୟ ଆଞ୍ଚଳିକ ଭାଷା ସମୂହ ମଧ୍ୟରେ ପାରସ୍ପରିକ ଅନୁବାଦ ନିମନ୍ତେ ଭିତ୍ତିଭୂମି ପ୍ରତିଷ୍ଠା ଲାଗି ସରକାରଙ୍କ ପକ୍ଷରୁ 'ଭାଷୀଣି' ନାମକ ଏକ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିବା ସ୍ଥଳେ 'ଚାଟ–ଜିପିଟି' ଦ୍ୱାରା ବିକଶିତ ନୂତନ କାରିଗରୀ କୌଶଳ ସଂଯୁକ୍ତ କରାଯାଇଥିବା କୁହାଯାଉଛି । ଏହାଫଳରେ ଓଡ଼ିଆ ସମେତ ବିଭିନ୍ନ ଆଞ୍ଚଳିକ ଭାଷା ଉନ୍ନତ ଭାଷା ପ୍ରକ୍ରିୟାକରଣ ସୁବିଧା ସୁଯୋଗ ମୂଳରୁ ଉପଯୋଗ କରିବା ନିମନ୍ତେ ପଥ ଉନ୍ମୁକ୍ତ ରହିବ । ଭାରତରେ ପ୍ରଣୀତ କୃତ୍ରିମ ବୁଦ୍ଧିମତ୍ତା ବିକାଶ ନୀତି ସ୍ଥାନୀୟ ପ୍ରଦ୍ୟୋଗୀକି ଶ୍ରମଶକ୍ତି ବିନିଯୋଗରେ ଦୀର୍ଘମିଆଦୀ ସଫଳତା ପାଇବା ଆଶା କରାଯାଇପାରେ ।

'ଚାଟ–ଜିପିଟି'ରେ 'ଜେନେରିଟିଭ ପ୍ରି–ଟ୍ରେନଡ଼ ଟ୍ରାନ୍ସଫରମର' ବୈଷୟିକ କୌଶଳ ସନ୍ନିବେଶିତ ହୋଇଛି । ସରଳରେ ବୁଝାଇ କହିଲେ, କମ୍ପ୍ୟୁଟର ବୁଦ୍ଧିମତ୍ତା 'ଆଲଗୋରିଥିମ'ଗୁଡ଼ିକୁ ଡ଼ିଜିଟାଲ ମଞ୍ଚରେ ସ୍ଥାନୀତ ରଚନାଗୁଡ଼ିକରୁ ମାନବୀୟ ସୃଜନ ଶୈଳୀ ଅର୍ଥାତ ମନୁଷ୍ୟ କିପରି ଶବ୍ଦ ସଂଯୋଗରେ ବାକ୍ୟ ବା ଅନୁଚ୍ଛେଦ କରିଥାଏ ସେ ସଂପର୍କରେ ପୂର୍ବ–ତାଲିମ ବ୍ୟବସ୍ଥା କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ପଚାରିବାମତେ ଆଲଗୋରିଥିମଗୁଡ଼ିକ ପୂର୍ବ–ପ୍ରଶିକ୍ଷିତ ଧାରାରେ ଚିନ୍ତାଧାରା ଓ ଶବ୍ଦାବଳୀ ଏକତ୍ରୀତକରି ରଚନା ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରୁଛି ।

ଏହି ପ୍ରକ୍ରିୟା ଜଟିଳ, ସମୟସାପେକ୍ଷ ଏବଂ ଖର୍ଚ୍ଚବହୁଳ । କିନ୍ତୁ କୋଟି କୋଟି ସଂଖ୍ୟାରେ ଉପଭୋକ୍ତାଙ୍କ ଦ୍ୱାରା ବ୍ୟବହୃତ ହେଲେ ବିଜ୍ଞାପନ ସୂତ୍ରରୁ ଅର୍ଥ ଉପାର୍ଜନ ଦ୍ୱାରା ଉପଭୋକ୍ତାଙ୍କୁ ମାଗଣା ବା ସ୍ୱଳ୍ପ ମୂଲ୍ୟରେ ସେବା ଯୋଗାଇଦେବା ସଂଭବ । ଉଦାହରଣରେ ୨୦୦୪ରୁ ଗୁଗୁଲ ସର୍ଚ୍ଚଇଞ୍ଜିନ ମାଗଣାରେ ସେବା ଯୋଗାଇ ଦେଉଥିଲେ ହେଁ ଆନ୍ତର୍ଜାତିକସ୍ତରରେ ବିଜ୍ଞାପନ ଡ଼ିଜିଟାଲ ମଞ୍ଚମୁହାଁ ହୋଇଥିବା ଏବଂ ସେଥିରୁ ସିଂହଭାଗ 'ଗୁଗୁଲ'କୁ ଯାଉଥିବା ସର୍ବଜନବିଦିତ ।

ସୃଜନ କୃତ୍ରିମ ବୁଦ୍ଧିମତ୍ତା ଅଭିଯାନ ଶିକ୍ଷା, ଆଇନ, ସ୍ୱାସ୍ଥ୍ୟସେବା, କମ୍ପ୍ୟୁଟର ପ୍ରୋଗ୍ରାମିଂ ଭଳି କେତେକ କ୍ଷେତ୍ରରେ ତୁରନ୍ତ ବ୍ୟାପକ ପରିବର୍ତ୍ତନ ଆଣିବା ଆକଳନ କରାଯାଉଛି । ଶିକ୍ଷାକ୍ଷେତ୍ରରେ ବିଦ୍ୟାଳୟରେ ହୋମ୍‌ୱାର୍କ ଠାରୁ ଆରମ୍ଭ କରି ଉଚ୍ଚତର ଉପାଧି ପରୀକ୍ଷା ନିମନ୍ତେ ସନ୍ଦର୍ଭ ପ୍ରସ୍ତୁତି ବିଭିନ୍ନ ପର୍ଯ୍ୟାୟରେ ପ୍ରଚଳିତ ଭାଷା ପ୍ରକ୍ରିୟାକରଣ ପଦ୍ଧତି ଉପଯୋଗ ପାଠ୍ୟକ୍ରମ, ଶିକ୍ଷାଦାନ ଓ ଶିକ୍ଷା ଗ୍ରହଣରେ ନୂତନ ଆଙ୍ଗିକ ସୃଷ୍ଟି ସୁସ୍ପଷ୍ଟ । ସେହିପରି ରୋଗୀର ସ୍ୱାସ୍ଥ୍ୟ ଇତିହାସ ଓ ନିଦାନ ବିବରଣୀ ଅନୁଶୀଳନରେ ଉନ୍ନତ ଚିକିତ୍ସା ପରାମର୍ଶ ଗ୍ରହଣ ନିମନ୍ତେ ପ୍ରଶସ୍ତ କ୍ଷେତ୍ର ପ୍ରସ୍ତୁତି ସଂଭବପର । ଜଟିଳ ଆଇନଗତ ସମସ୍ୟା ପୂର୍ବ–ପ୍ରଦତ୍ତ ଅଦାଲତ ରାୟଗୁଡ଼ିକ ଆଧାରରେ ସମୀକ୍ଷା ଓ ନିଷ୍ପତ୍ତି ଗ୍ରହଣକୁ ପ୍ରଭାବିତ କରିପାରିବ । ଭାରତୀୟ ଅଦାଲତଗୁଡ଼ିକରେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ମମଲାଗୁଡ଼ିକର ଆପୋଷ ସମାଧାନ ନିମନ୍ତେ ଏହିଭଳି ବୈଷୟିକ କୌଶଳ ଉର୍ବର ଉପତ୍ୟକା ସୃଷ୍ଟି ଆଶା କରାଯାଇପାରେ ।

ସୃଜନ କୃତ୍ରିମ ବୁଦ୍ଧିମତ୍ତା ଅଭିଯାନରେ ଓଡ଼ିଆ ମୂଳରୁ ସାମିଲ ହେବା ନିମନ୍ତେ ଉଭୟ କେନ୍ଦ୍ର ସରକାରଙ୍କ ପ୍ରଣୀତ 'ଭାଷୀଣି' ଓ ଗୁଗୁଲର ପ୍ରସ୍ତାବିତ 'ଲାଙ୍ଗୁଏଜ ମଡ଼େଲ ଫର ଡ଼ାଏଲଗ ଆପ୍ଲିକେସେନ୍ସ' ବୈଷୟିକ କୌଶଳ ଉଚ୍ଚକୋଟୀର ଅନୁବାଦ ସୁବିଧା ୨୦୨୩ ବର୍ଷ ଶେଷ ସୁଦ୍ଧା ଉପଲବ୍ଧ ହେବା ଆଶା କରାଯାଏ । ଅର୍ଥାତ, ଇଂଲିଶ ଭାଷାରେ ଡ଼ିଜିଟାଲ ମଞ୍ଚରେ ପ୍ରସ୍ତୁତ ରଚନାବଳୀ ଅନାୟସରେ ଓଡ଼ିଆକୁ ଅନୁବାଦ କିମ୍ବା ଓଡ଼ିଆରୁ ଇଂଲିଶ ବା ଅନ୍ୟାନ୍ୟ ଶହେ ସରିକି ଭାଷାକୁ ଅନୁବାଦ ସଂଭବ ହୋଇପାରିବ । ପ୍ରଚଳିତ ଅନୁବାଦର ଗୁଣବତ୍ତା କୃତ୍ରିମ ବୁଦ୍ଧିମତ୍ତା ଉପଯୋଗରେ ବୃଦ୍ଧି ପାଇବ । ଏହି ପରିବେଶ ରାଜ୍ୟର ଜ୍ଞାନ ଗ୍ରହଣ ଓ ପ୍ରସାର କ୍ଷେତ୍ରରେ ଅନ୍ତର୍ଜାତିକସ୍ତରକୁ ଉନ୍ନୀତ ହେବା ପଥ ସୁଗମ କରିବ । ସବୁଠାରୁ ବଡ଼ କଥା ହେଲା ପାଠ୍ୟ ସାଙ୍ଗକୁ ଶ୍ରାବ୍ୟ 'ଭଏସ' ଓ ଦୃଶ୍ୟ 'ଭିଡ଼ିଓ'ରେ ମଧ୍ୟ ଏହି ଅନୁବାଦ ବ୍ୟବସ୍ଥା କ୍ରମବିକଶିତ ହେବା ଯୋଜନା ରହିଛି ।

ମହାମାରୀ–ପର କମ୍ପ୍ୟୁଟିଂ ପରିବେଶରେ ସୃଜନ କୃତ୍ରିମ ବୁଦ୍ଧିମତ୍ତା ଅଭିଯାନ ଯୁଗାନ୍ତକାରୀ ପରିବର୍ତ୍ତନର ପ୍ରତିଶୃତି ବହନ କରୁଥିବା ସଂପର୍କରେ ଦେଶବିଦେଶରେ ବିଶେଷଜ୍ଞମାନେ ଏକମତ । ତେବେ ଓଡ଼ିଶାର ସାଂସ୍କୃତିକ ପରିଧିରେ ପାରମ୍ପରିକ ବିଶ୍ୱାସ ଏଭଳି ନୂତନ ବୈଷୟିକ କୌଶଳକୁ ଆଲିଙ୍ଗନ କରିବା ନିମନ୍ତେ କେତେ ଦୂର ଆଗେଇ ଆସିବ, ତାହା ଏକ ପ୍ରଶ୍ନ । ଭାଷା, ସାହିତ୍ୟ ଓ ଗଣମାଧ୍ୟମରେ ନୂତନତ୍ୱ ପରିପ୍ରକାଶ ନିମନ୍ତେ ସରକାରୀସ୍ତରରେ ପରିଚାଳିତ ଓଡ଼ିଆ ସାହିତ୍ୟ ଏକାଡ଼େମୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଓଡ଼ିଶା ଲଳିତକଳା ଏକାଡ଼େମୀ, ଓଡ଼ିଶା ଚଳଚିତ୍ର ଉନ୍ନୟନ ନିଗମ, ବିଶ୍ୱବିଦ୍ୟାଳୟସ୍ତରର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କମ୍ପ୍ୟୁଟର ଓ ଗଣଯୋଗାଯୋଗ ବିଭାଗ ସମୂହରେ ଏଥି ନେଇ ଯେଉଁ ଉନ୍ମୋଦନା ଆଶା କରାଯିବା କଥା ତାହା ପ୍ରାୟତଃ ଶୂନ୍ୟ । ଓଡ଼ିଶା ଭର୍ଚୁଆଲ ଏକାଡ଼େମୀର ସତ୍ତା ଖୋଜି ପାଇ ହୁଏନି । ରାଜନୀତିକସ୍ତରରେ ଆଞ୍ଚଳିକ ଭାଷା ଭିତ୍ତିରେ ସ୍ୱାତନ୍ତ୍ର୍ୟ ଦାବୀ ଅନୁବାଦ ବୈଷୟିକ କୌଶଳ ବିକାଶରେ ଅର୍ଥହୀନ ହୋଇପଡ଼ିବା ସୁସ୍ପଷ୍ଟ । ଅବଶ୍ୟ ପ୍ରଦ୍ୟୋଗୀକି ବିକାଶର ପ୍ରାକୃତିକ ଧାରା ଯେ ଅନମନୀୟ ଏବଂ ଓଡ଼ିଆ ଭାଷା ସେହି ପ୍ରବାହରେ ସମୃଦ୍ଧ ଭବିଷ୍ୟତ ଦ୍ୱାରଦେଶରେ ଉପନୀତ, ଏଥିରେ ସନ୍ଦେହ ନାହିଁ ।

# ହିମାଳୟ ଅଞ୍ଚଳରେ ହୋଇପାରେ ବଡ଼ ଭୂକମ୍ପ



ହାଇଦ୍ରାବାଦ: ନ୍ୟାଶନାଲ ଜିଓଫିଜିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ଏନଜିଆରଆଇ)ର ବୈଜ୍ଞାନିକ ଦାବି କରିଛନ୍ତି ଯେ ଖୁବ୍‌ଶୀଘ୍ର ହିମାଳୟ ଅଞ୍ଚଳରେ ଏକ ବଡ଼ ଭୂକମ୍ପ ହୋଇପାରେ । ସେମାନେ କହିଛନ୍ତି ଭୂକମ୍ପର ତୀବ୍ରତା ଯଥେଷ୍ଟ ଅଧିକ ହୋଇପାରେ ଯାହା ଏହି ଅଞ୍ଚଳରେ ବ୍ୟାପକ ଧ୍ୱଂସ ସୃଷ୍ଟି କରିବାର ଆଶଙ୍କା ରହିଛି । ତେବେ ସଂରଚନାକୁ ମଜବୁତ କରି ଜୀବନ ଏବଂ ସମ୍ପତ୍ତି ନଷ୍ଟକୁ କମ କରାଯାଇ ପାରିବ ।

ହାଇଦ୍ରାବାଦ ସ୍ଥିତ ଏନଜିଆରଆଇର ମୁଖ୍ୟ ବୈଜ୍ଞାନିକ ଡକ୍ଟର ପୂର୍ଣ୍ଣଚନ୍ଦ୍ର ରାଓ କହିଛନ୍ତି ଯେ ପୃଥିବୀର ଗର୍ଭ ଅନେକ ପ୍ଲେଟରେ ଗଠିତ ଏବଂ ଏହି ପ୍ଲେଟଗୁଡିକ କ୍ରମାଗତ ଭାବରେ ଚଳନ ଜାରି ରହିଛି । ଭାରତୀୟ ପ୍ଲେଟଗୁଡିକ ପ୍ରତିବର୍ଷ ପାଞ୍ଚ ସେଣ୍ଟିମିଟର ପର୍ଯ୍ୟନ୍ତ ଗତି କରୁଛି ଏବଂ ଏହି କାରଣରୁ ହିମାଳୟ ଅଞ୍ଚଳ ଅତ୍ୟଧିକ ଚାପରେ ରହିଛି । ଫଳରେ ହିମାଳୟ ଅଞ୍ଚଳରେ ଏକ ବଡ଼ ଭୂକମ୍ପ ହୋଇପାରେ ।

ହିମାଚଳ ପ୍ରଦେଶ, ନେପାଳର ପଶ୍ଚିମ ଭାଗ ଏବଂ ଉତ୍ତରାଖଣ୍ଡରେ ଭୂକମ୍ପ ହୋଇପାରେ । ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୮ ହୋଇପାରେ । ତୁର୍କୀରେ ହୋଇଥିବା ଭୂକମ୍ପରେ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ସାଧାରଣ ନିର୍ମାଣ ଯୋଗୁ ହୋଇଛି । ସେ କହିଛନ୍ତି ଯେ ଆମେ ଭୂକମ୍ପକୁ ବନ୍ଦ କରିପାରିବା ନାହିଁ । କିନ୍ତୁ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସରଣ କରି ସୁଦୃଢ଼ କୋଠା ନିର୍ମାଣ କରାଯିବା ଉଚିତ ।

ହିମାଳୟ ଅଞ୍ଚଳ ଭୂକମ୍ପ ପ୍ରତି ସମ୍ବେଦନଶୀଳ । ନିକଟ ଅତୀତରେ ଏହି ଅଞ୍ଚଳରେ ଅନେକ ଛୋଟ ଭୂକମ୍ପ ଘଟିଛି ଯାହା ସୂଚାଇ ଦେଇଛି ଯେ ଏହି ଅଞ୍ଚଳରେ ଭୂତଳରେ ଭୂକମ୍ପ ଘଟୁଛି, ଯାହା ଭବିଷ୍ୟତରେ କୌଣସି ବଡ଼ ଭୂକମ୍ପ ସୃଷ୍ଟି କରିପାରେ । ୱାଡିଆ ଇନଷ୍ଟିଚ୍ୟୁଟ ଅଫ ହିମାଳୟ ଭୂବିଜ୍ଞାନର ମୁଖ୍ୟ ବୈଜ୍ଞାନିକ ଅଜୟ ପାଲ କହିଛନ୍ତି ଯେ ଭାରତୀୟ ଏବଂ ୟୁରାସିଆନ ପ୍ଲେଟ ଧକ୍କା ହେତୁ ହିମାଳୟ ଅଞ୍ଚଳ ସୃଷ୍ଟି ହୋଇଛି । ଭାରତୀୟ ପ୍ଲେଟରେ ୟୁରାସିଆନ ପ୍ଲେଟର ଚାପ ଯୋଗୁ ଏହି ଅଞ୍ଚଳରେ ବଡ଼ ଧରଣର ଶକ୍ତି ଉତ୍ପନ୍ନ ହୋଇଥାଏ । ଭୂକମ୍ପ ମାଧ୍ୟମରେ ଏହି ଶକ୍ତି ବାହାରିଥାଏ ।

ୱାଡିଆ ଇନଷ୍ଟିଚ୍ୟୁଟର ଅନୁସନ୍ଧାନରେ ଏହା ପ୍ରକାଶ ପାଇଛି ଯେ ଗତ ୮୭ ବର୍ଷ ମଧ୍ୟରେ ହିମାଳୟ ଅଞ୍ଚଳର ସବୁଠୁ ବଡ ଗ୍ଲାସିୟର ମଧ୍ୟରୁ ଗଙ୍ଗୋତ୍ରି ଗ୍ଲାସିଅର ୧.୭ କିଲୋମିଟର ପର୍ଯ୍ୟନ୍ତ ଖସି ଆସିଛି । ହିମାଳୟ ଅଞ୍ଚଳର ଅନ୍ୟ ଗ୍ଲେସିୟରରେ ମଧ୍ୟ ସମାନ ଘଟଣା ଘଟୁଛି । ଏହା ବ୍ୟତୀତ ଜୋଶୀମଠରେ ହୋଇଥିବା ଭୂସ୍ଖଳନ ମଧ୍ୟ ଏକ ବଡ଼ ବିପଦ ଆଡକୁ ସୂଚିତ କରୁଛି । ଗତ ୧୫୦ ବର୍ଷ ମଧ୍ୟରେ ହିମାଳୟ ଅଞ୍ଚଳରେ ଚାରିଟି ବଡ଼ ଭୂକମ୍ପ ଘଟିଛି । ଏଥିମଧ୍ୟରେ ୧୮୯୭ ମସିହାରେ ଶିଲୋଙ୍ଗ ଭୂକମ୍ପ, ୧୯୦୫ ରେ କାଙ୍ଗ୍ରା ଭୂକମ୍ପ, ୧୯୩୪ ରେ ବିହାର–ନେପାଳ ଭୂକମ୍ପ ଏବଂ ୧୯୫୦ରେ ଆସାମ ଭୂକମ୍ପ ଅନ୍ତର୍ଭୁକ୍ତ । ଏମାନଙ୍କ ବ୍ୟତୀତ ୧୯୯୧ ରେ ଉତ୍ତରକାଶିରେ, ୧୯୯୯ ରେ ଚାମୋଲି ଏବଂ ୨୦୧୫ ରେ ନେପାଳରେ ବଡ଼ ଭୂକମ୍ପ ହୋଇଥିଲା ।

## ବିଜେପିକୁ ମାତ୍
## ଶେଲି ଓବରୟ ଦିଲ୍ଲୀ ମେୟର

ନୂଆଦିଲ୍ଲୀ : ଗତ ଦୁଇ ମାସ ଧରି ଲାଗି ରହିଥିବା ବାଦବିବାଦ ମଧ୍ୟରେ ଶେଷ ହୋଇଛି ଦିଲ୍ଲୀ ମ୍ୟୁନିସିପାଲିଟି କର୍ପୋରେସନ୍ (ଏମସିଡି)ର ମେୟର ନିର୍ବାଚନ । ୩ ଥର ବିଫଳ ହେବା ପରେ ୪ର୍ଥ ଉଦ୍ୟମରେ 'ମୁନିସ୍‌ପାଲ କର୍ପୋରେସନ୍ ଅଫ୍ ଦିଲ୍ଲୀ'ର ମେୟର୍ ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ସଫଳ ହେବା ସହ ଦିଲ୍ଲୀକୁ ନୂଆ ମେୟର ମିଳିଛି । ବିଜେପିକୁ ହରାଇ ଆମ୍ ଆଦମୀ ପାର୍ଟି ମେୟର ନିର୍ବାଚନ ଜିତିନେଇଛି । 'ଆପ୍'ର ମେୟର୍ ପ୍ରାର୍ଥୀ ଦିଲ୍ଲୀର ପୂର୍ବ ପଟେଲ୍ ନଗର ୱାର୍ଡର ଶେଲି ଓବେରୟ ନିର୍ବାଚନରେ ବିଜୟୀ ହୋଇଛନ୍ତି । ଭୋଟ୍ ଗ୍ରହଣରେ ମୋଟ୍ ୨୬୬ ଖଣ୍ଡ ଭୋଟ ପଡିଥିବା ବେଳେ ଶେଲି ଓବେରୟିଙ୍କୁ ୧୫୦ ଭୋଟ୍ ମିଳିଥିବା ବେଳେ 'ବିଜେପି' ମେୟର୍ ପ୍ରାର୍ଥୀ ରେଖା ଗୁପ୍ତାଙ୍କୁ ମିଳିଛି ୧୧୬ ଭୋଟ୍ ।

ସୂଚନାଯୋଗ୍ୟ ମେୟର୍ ନିର୍ବାଚନ ନିମନ୍ତେ ଗତ ଜାନୁଆରୀ ୬, ଜାନୁଆରୀ ୨୪ ଏବଂ ଫେବ୍ରୁଆରୀ ୬ ହୋଇଥିବା ଉଦ୍ୟମ ବିଫଳ ହୋଇଥିଲା । ମେୟର୍ ଭୋଟ୍ ଦାନ ପ୍ରକ୍ରିୟାରେ ମନୋନୀତ ସଦସ୍ୟମାନେ ଅଂଶ ଗ୍ରହଣ କରିପାରିବେ ନାହିଁ ବୋଲି ଶୁକ୍ରବାର ଦିନ ସୁପ୍ରିମ୍ କୋର୍ଟ ରାୟ ଦେବା ପରେ 'ଦିଲ୍ଲୀ ନଗର ନିଗମ' ବା 'ମୁନିସିପାଲ କର୍ପୋରେସନ୍ ଅଫ୍ ଦିଲ୍ଲୀ'ର ମେୟର୍ ନିର୍ବାଚନ ଭୋଟ୍ ଗ୍ରହଣ କରାଯାଉଛି । ମନୋନୀତ ସଦସ୍ୟଙ୍କ ଭୋଟ୍ ଦେବା ଘଟଣାକୁ ନେଇ 'ଆପ୍' ଓ 'ବିଜେପି' ମଧ୍ୟରେ ବିବାଦ ଚାଲିଥିଲା ।

### ଆଦାନି ଗ୍ରୁପକୁ ହଟହଟା କଲାଣି ହିଣ୍ଡେନବର୍ଗ ରିପୋର୍ଟ
## ଉଡିଗଲାଣି ୧୩୪ ବିଲିଅନ୍ ଡଲାର୍

ନୂଆଦିଲ୍ଲୀ: ଆଦାନିଙ୍କ ପିଛା ଛାଡୁନି ହିଣ୍ଡେନବର୍ଗ ଝଡ । ଆଦାନି ଗ୍ରୁପ୍ କମ୍ପାନିଗୁଡ଼ିକର ସେୟାର ମୂଲ୍ୟ କରୋନା ମହାମାରୀ ବେଳେ କ୍ଷୀପ୍ରଗତିରେ ଆଗକୁ ବଢ଼ିଥିଲା । ଏତେ ବଢ଼ିଯାଇଥିଲା ଯେ ଏହାର ପ୍ରତିଷ୍ଠାତା ଗୌତମ ଆଦାନି ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତିରେ ପରିଣତ ହୋଇଥିଲେ । କିନ୍ତୁ ଗତମାସ ୨୪ ତାରିଖରେ ଆମେରିକାର ହିଣ୍ଡେନବର୍ଗ ରିସର୍ଚ୍ଚ ଏହି ଗ୍ରୁପ ବିରୋଧରେ ଷ୍ଟକ ଏବଂ ଆକାଉଣ୍ଟିଂ ଜାଲିଆତି ଅଭିଯୋଗ ଆଣିବା ପରେ ଅଦାନୀଙ୍କୁ ଲାଗିଛି ସାଂଘାତିକ ଝଟକା । ଆମେରିକୀୟ ସଂସ୍ଥା କରିଥିବା ଅଭିଯୋଗ ଭିତ୍ତିହୀନ ବୋଲି ଆଦାନି ଗ୍ରୁପ୍ କହୁଥିଲେ ମଧ୍ୟ ନିବେଶକମାନଙ୍କ ମନ ସେଥିରେ ବୁଝୁନାହିଁ । ଗତମାସ ୨୪ ତାରିଖରୁ ଆଜି ମଧ୍ୟରେ ଆଦାନି ଗ୍ରୁପ୍‌ର ସେୟାର ମୂଲ୍ୟ ୧୩୪ ବିଲିଅନ ଡଲାର ଧୋଇଗଲାଣି । ଅର୍ଥାତ୍ ଭାରତର ମୋଟ ଜିଡିପି ୩.୧୭ ଲକ୍ଷ କୋଟି ଡଲାରର ଏହା ୪.୨୨ ପ୍ରତିଶତ । ଅଦାନି ଯେଉଁ କ୍ଷତି ସହିଛନ୍ତି ତାହା ଆଙ୍ଗୋଲାର ଜିଡିପି ସହ ସମାନ । ଆଜି ଆଦାନି ଗ୍ରୁପ ଅଧୀନ ୧୦ଟି କମ୍ପାନିର ବଜାରପୁଞ୍ଜି ୮,୦୯,୧୮୨ କୋଟି ଟଙ୍କା ବା ୯୮ ବିଲିଅନ ଡଲାର ରହିଥିବା ଆକଳନ କରାଯାଇଛି ।

ଜାନୁଆରୀ ୨୪ରେ ଏହି କମ୍ପାନି ଗୁଡ଼ିକର ମୋଟ ବଜାରପୁଞ୍ଜି ୧୯,୧୯,୮୮୮ କୋଟି ଟଙ୍କା ଥିଲା । ଆଜି ସୁଦ୍ଧା ସେଥିରେ ୧୧,୧୦,୭୦୬ କୋଟି ଟଙ୍କା ବା ୧୩୪ ବିଲିଅନ ଡଲାର କ୍ଷତି ହୋଇଛି । ମୂଲ୍ୟ ଅନୁସାରେ ଆଦାନି ଟୋଟାଲ୍ ଗ୍ୟାସ ସବୁଠୁ ଅଧିକ କ୍ଷତି ସହିଛି । ଏହି କମ୍ପାନିର ବଜାରପୁଞ୍ଜି ୩.୩୦ ଲକ୍ଷ କୋଟି ଟଙ୍କା ଧୋଇଯାଇଛି । ଆଦାନି ଟ୍ରାନ୍ସମିସନ, ଆଦାନି ଏଣ୍ଟରପ୍ରାଇଜେସ ଏବଂ ଆଦାନି ଗ୍ରିନ ଏନର୍ଜିର ବଜାରପୁଞ୍ଜି ୨ ଲକ୍ଷ କୋଟି ଟଙ୍କା ଲେଖାଏଁ ହ୍ରାସ ପାଇଛି । ଆଦାନି ପାୱାର ଏବଂ ଆଦାନି ପୋର୍ଟସ ଆଣ୍ଡ୍ ଏସଇଜେଡ୍ ମୂଲ୍ୟରେ ୩୯,୯୭୭ କୋଟି ପର୍ଯ୍ୟନ୍ତ ହ୍ରାସ ଘଟିଛି ।




ଏଥିସହିତ ଆଜି ଆଦାନି ଟୋଟାଲ ଗ୍ୟାସ, ଆଦାନି ଟ୍ରାନ୍ସମିସନ ଏବଂ ଆଦାନି ଗ୍ରିନର ସେୟାର ମୂଲ୍ୟରେ ଆଜି ୫ ପ୍ରତିଶତରୁ ଅଧିକ ହ୍ରାସ ଘଟି ବର୍ଷକର ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ଆଦାନି ୱିଲମାରର ସେୟାର ମୂଲ୍ୟରେ ୪.୩୩ ପ୍ରତିଶତ, ଆଦାନି ଏଣ୍ଟରପ୍ରାଇଜେସର ସେୟାର ମୂଲ୍ୟରେ ୩.୧୬ ପ୍ରତିଶତ ହ୍ରାସ ଘଟିଛି ।

## ନ୍ୟାୟ ମାଗୁଛନ୍ତି ବିଚାରପତି

ନୂଆଦିଲ୍ଲୀ : ନ୍ୟାୟ ମାଗୁଛନ୍ତି ହାଇକୋର୍ଟ ବିଚାରପତି । ଯିଏ ଲୋକଙ୍କୁ ନ୍ୟାୟ ପ୍ରଦାନ କରନ୍ତି, ସିଏ ନିଜେ ନ୍ୟାୟ ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ଇତିହାସରେ ଏଭଳି ଘଟଣା ପ୍ରଥମ । ପାଟଣା ହାଇକୋର୍ଟର ୭ ଜଣ ବିଚାରପତି ରାଜ୍ୟ ସରକାରଙ୍କ ବିରୋଧରେ ନ୍ୟାୟ ପାଇଁ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି, ଯାହାର ଶୁଣାଣି ଆସନ୍ତା ୨୪ ତାରିଖରେ ହେବ । ସୂଚନା ମୁତାବକ ବିହାରର ଆକାଉଣ୍ଟ ଜେନେରାଲ୍ ଏହି ୭ ବିଚାରପତିଙ୍କ ଜେନେରାଲ ପ୍ରୋଭିଡେଣ୍ଟ ଫଣ୍ଡ(ଜିପିଏଫ) ଆକାଉଣ୍ଟ୍ ବନ୍ଦ କରି ଦେଇଛନ୍ତି । ଆଇନ ଓ ନ୍ୟାୟ ମନ୍ତ୍ରାଳୟର ମତାମତ ଅନୁସାରେ ଏପରି ପଦକ୍ଷେପ ନିଆଯାଇଛି । ଏହାଦ୍ୱାରା ଅବସର ପରେ ସେମାନଙ୍କ ପେନ୍‌ସନ୍ ଓ ଅନ୍ୟ ସୁବିଧା ସୁଯୋଗରେ ବୁଝାମଣା ହେବାର ଆଶଙ୍କା ରହିଛି । ତେଣୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଜଷ୍ଟିସ ଶୈଳେନ୍ଦ୍ର ସିଂହ, ଜଷ୍ଟିସ୍ ଅରୁଣ କୁମାର ଝା, ଜଷ୍ଟିସ୍ ଜିତେନ୍ଦ୍ର କୁମାର, ଜଷ୍ଟିସ୍ ଆଲୋକ କୁମାର ପାଣ୍ଡେ, ଜଷ୍ଟିସ୍ ସୁନୀଲ ଦତ୍ତା ମିଶ୍ରା, ଜଷ୍ଟିସ୍ ଚନ୍ଦ୍ର ପ୍ରକାଶ ସିଂହ ଓ ଜଷ୍ଟିସ୍ ଜଷ୍ଟିସ୍ ଚନ୍ଦ୍ର ଶେଖର ଝା ମିଳିତ ଭାବେ ଗୋଟିଏ ଆବେଦନ ସୁପ୍ରିମ୍‌କୋର୍ଟରେ କରିଛନ୍ତି । ବିଚାରପତିମାନଙ୍କ ପକ୍ଷରୁ ଆଇନଜୀବୀ ପ୍ରେମ ପ୍ରକାଶ ଆବେଦନକୁ ଦାଖଲ କରି ତ୍ୱରିତ ଶୁଣାଣି ପାଇଁ ନିବେଦନ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସାମ୍ନାରେ ଏପରି ଆବେଦନ ଦାଖଲ କରାଯାଇଛି । ଏଥିସହ ଶୁକ୍ରବାର ଆବେଦନର ଶୁଣାଣି ହେବ ବୋଲି ଦିନ ଧାର୍ଯ୍ୟ କରାଯାଇଛି ।

## ପ୍ରତାପ ଷଡ଼ଙ୍ଗୀଙ୍କ ମାଟି ଘର ନିର୍ମାଣକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ: ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ନିଜସ୍ୱ ଖର୍ଚ୍ଚରେ ଦିଲ୍ଲୀ ସରକାରୀ କ୍ୱାଟର୍ସ ପରିସରରେ ନିର୍ମାଣ କରୁଥିବା ମାଟି ଘରକୁ ନେଇ ଏବେ ବେଶ ଚର୍ଚ୍ଚା । ଘରର ବାହାର କାନ୍ଥରେ ଯେଉଁଭଳି ଜୀବନ ସ୍ପନ୍ଦନର ଚିତ୍ର ପ୍ରସ୍ଫୁଟିତ ହେଉଛି, ଘର ଭିତରେ ବି ମାଟି ପ୍ରତି ଗଭୀର ମମତାର ବାସ୍ନା ଠିକ୍ ବାରି ହୋଇ ପଡୁଛି । ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ ଏ ଘରେ ରହିଛି ଦୁଇଟି ବେଡରୁମ୍ ସହ ଗୋଟିଏ ବୈଠକ ଖାନା । ବସିବା ଓ ଶୋଇବା ପାଇଁ ମାଟିରେ ପିଣ୍ଡି ବି ତିଆରି ହୋଇଛି । ଘର କାନ୍ଥରେ ବୃକ୍ଷଲତା ଓ ଯୋଗମୁଦ୍ରାର ପ୍ରତିଛବି ଅଙ୍କାଯାଇଛି ।

ମାଟି, ଗୋବର, ଗୋମୂତ୍ର, ନିମ୍ବପତ୍ର ଓ ବାଲିରେ ଘର ତିଆରି ଚାଲିଥିବାବେଳେ ଛପର ପାଇଁ ବାଉଁଶ, କାଠ ଓ ନଡା ବ୍ୟବହାର କରାଯାଇଛି । ଘର ଭିତରେ ନନାଙ୍କ ସାଇକେଲଟି ବି ସାଇତା ହୋଇଛି । ରାଜଧାନୀ ଦିଲ୍ଲୀର ଚାକଚକ୍ୟ ପରିବେଶ ଭିତରେ ପୁଣି ଇକୋ ଫ୍ରେଣ୍ଡଲି ଘର । କେମିତି ତିଆରି ହେଉଛି ? କେଉଁ କାରିଗର ତିଆରି କରୁଛନ୍ତି ? ସେ କଥା ଜାଣିବାକୁ ବି ବଢ଼ିଛି ଦେଖଣାହାରୀଙ୍କ ଆଗ୍ରହ । ନନା ଆହୁରି ମଧ୍ୟ କହିଛନ୍ତି, କ୍ୱାଟର୍ସ ପରିସରରେ ପୁଣି କୋଠା ଘରଟିଏ ନିର୍ମାଣ ଲାଗି ସରକାରଙ୍କ ଅନୁମତି ଦରକାର । ଯେହେତୁ ଏ ପ୍ରକ୍ରିୟା ସମୟ ସାପେକ୍ଷ, ତେଣୁ ସେ ମାଟି ଘରଟିଏ ନିର୍ମାଣ ପାଇଁ ଇଚ୍ଛା କଲେ, ହିମାଚଳପ୍ରଦେଶର ଜଣେ କାରିଗର ଜୁଟିବା ପରେ ତାଙ୍କୁ ଦାୟିତ୍ୱ ଦେଲେ । କାମ ସାରିବାକୁ ୬ ମାସ ପାଖାପାଖି ଲାଗିବ । ମାଟି, ଗୋବର ଓ ବାଉଁଶ ସବୁ ୫୦ରୁ ୬୦ କିଲୋମିଟର ଦୂରରୁ ଆସୁଛି ।

ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସରଳ ଜୀବନ ଯାପନ ଶୈଳୀ କାହାକୁ ଅଛପା ନାହିଁ । ଏମିତିକି ସେ କେନ୍ଦ୍ରମନ୍ତ୍ରୀ ହେବା ପରେ ନୀଳଗିରି ଗୋପୀନାଥପୁରରେ ଥିବା ତାଙ୍କ ମାଟି ଘର, ଗାଁ ପୋଖରୀରେ ଗାଧୁଆ ଓ ମନ୍ଦିରରେ ପୂଜାର୍ଚ୍ଚନାକୁ ନେଇ ବି ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା ।



# ରାଜଧାନୀରେ ଜନଜାତି ଗାଁ

## ବଢୁଛି ସହରୀଲୋକଙ୍କ ଭିଡ଼





ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ସୋମବାରଠାରୁ ଆଦିବାସୀ ମେଳା ଆରମ୍ଭ ହୋଇଛି । ୟୁନିଟ୍–୧ସ୍ଥିତ ଆଦିବାସୀ ପଡ଼ିଆଠାରେ ଏହି ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି । ୧୦ ଦିନ ଧରି ଚାଲିବାକୁ ଥିବା ଆଦିବାସୀ ମେଳାରେ ବଣପାହାଡ଼ ଘେରା ଆଦିବାସୀ ଅଞ୍ଚଳରେ ରହିଥିବା ଗ୍ରାମଗୁଡ଼ିକର ଅବିକଳ ରୂପନେଇ ମେଳା ପରିସରରେ ପ୍ରାଚୀନ ଜନଜାତି ଦୁନିଆର ୧୦ଟି ପ୍ରାଚୀନ ଜନଜାତି ଗୋଷ୍ଠୀର ଘରର ମଡେଲ ପ୍ରଦର୍ଶିତ ହେଉଛି । ଏଥରେ ପରମ୍ପରା ସହିତ ପ୍ରଗତିର ଝଲକ ଦେଖିବାକୁ ମିଳୁଛି । ସେହିପରି ଆଦିବାସୀ ହାଟରେ ବିଭିନ୍ନ ଆଦିବାସୀ ଓ ଜଙ୍ଗଲଜାତ ସାମଗ୍ରୀ ବିକ୍ରିବଟାର ବ୍ୟବସ୍ଥା ହୋଇଛି । ଏହି ମେଳାରେ ମୋଟ ୧୨୧ଟି ଷ୍ଟଲ୍ ଖୋଲିଥିବାବେଳେ ଏଥିରେ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ ହେଉଛି । ଏହାକୁ ଦେଖିବାକୁ ବେଶ୍ ଭିଡ଼ ପରିଲକ୍ଷିତ ହେଉଛି । ଦିନ ୩ଟା ବେଳକୁ ମେଳା ପରିସରରେ ଭିଡ଼ ଆରମ୍ଭ ହେଇଯାଉଛି ।







ଏ ମଧ୍ୟରେ ନୂଆପଡ଼ା ଜିଲ୍ଲା ବୁକୁଟିଆ ଭୁଜିଆଙ୍କ ଘର ପାରମ୍ପରିକ ସାଜସଜ୍ଜାରେ ବିକାଶର ବାର୍ତ୍ତା ବଖାଣୁଛି । ଏମାନଙ୍କ ଲାଲ ବଙ୍ଗଳା କେବଳ ସଂସ୍କୃତି ଦୃଷ୍ଟିରୁ ମହାନ୍ ନୁହେଁ ବରଂ ଏମାନଙ୍କ ରକ୍ଷଣଶୀଳତାକୁ ବୁଝାଇଛି । ସେହିପରି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଅଞ୍ଚଳସ୍ଥ କୁଟିଆ କନ୍ଧ ଘର ଓ ବେଲଘରଙ୍କ କୁଟିଆ କନ୍ଧ ଘର ଭିତରେ ନିର୍ମାଣ ଗତ ସାମଞ୍ଜସ୍ୟ ଥିଲେ ମଧ୍ୟ ସୌନ୍ଦର୍ଯ୍ୟାନୁଭବରେ ବେଶ୍ ପାର୍ଥକ୍ୟ ଅଞ୍ଚଳ ଭେଦରେ ସାଂସ୍କୃତିକ ବିବିଧତାର ସୂଚନା ଦେଉଛି । ସେହିପରି ଗଜପତି ଜିଲ୍ଲା ରାୟଗଡ଼ା ଜିଲ୍ଲା ଗୁଣୁପୁର ଅଞ୍ଚଳର ସଉରା ଓ ଲାଞ୍ଜିଆ ସଉରା ଘର ନିର୍ମାଣଶୈଳୀରେ ସମାନତା ଥିଲେ ମଧ୍ୟ ଇଡ଼ିତାଲ ଚିତ୍ରର ବିବିଧ ବୈଚିତ୍ର ସ୍ୱତନ୍ତ୍ର ଅନୁଭବ ଆଣିଦେଉଛି । ଡଙ୍ଗରିଆ କନ୍ଧମାନଙ୍କର ନିଜସ୍ୱ ଶୈଳୀ ଦର୍ଶକଙ୍କୁ ଆକର୍ଷିତ କରିବାରେ ଲାଗିଥିବାବେଳେ ପାହାଡ଼ି ଖଡ଼ିଆମାନଙ୍କର ଗୃହ ନିର୍ମାଣ ବେଶ୍ ସୁନ୍ଦର ହୋଇଛି । ସେହିପରି ବଣ୍ଡାମାନଙ୍କର ମଧ୍ୟ ଘର ପରମ୍ପରା ସହିତ ପ୍ରଗତି ସୂଚନା ଦେଉଛି । ସହରୀ ମଣିଷଙ୍କ ପାଇଁ ଏହା ସଂସ୍କୃତିର ସନ୍ଧାନ ହୋଇଥିବାବେଳେ ଜଣେ ଗବେଷକ ପାଇଁ ଏହା କିଛିଟା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ । ଆଦିବାସୀ ମେଳାରେ ପ୍ରଦର୍ଶିତ ପ୍ରାଚୀନ ଜନଜାତିଙ୍କ ଗ୍ରାମ ଦର୍ଶକମାନଙ୍କ ନିମନ୍ତେ ବେଶ୍ ଆକର୍ଷଣୀୟ ହୋଇଥିଲା ।







ଆଇଟିଡିଏ ଦ୍ୱାରା ୬୨ଟି ଷ୍ଟଲ୍‌ରେ ଜନଜାତି ଏସ୍‌ଏଚ୍‌ଜିର ମା'ମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ଓ ସଂଗୃହୀତ ଦ୍ରବ୍ୟ ବିକ୍ରୟ କରୁଛନ୍ତି । ୧୭ଟି ଷ୍ଟଲ ଅଣୁପ୍ରକଳ୍ପ ଅଧୀନ ଜନଜାତି ଏସ୍‌ଏଚ୍‌ଜିର ମହିଳାଙ୍କୁ ଆବଣ୍ଟିତ ହୋଇଥିବାବେଳେ ଟିଡିସିସି, ଓଏଫ୍ ଏସ୍‌ଡିଏସ୍, ମିଶନ ଶକ୍ତି, ଓର୍ମାସ୍, ମିଲେଟ୍ ମିଶନ, ହସ୍ତତନ୍ତ ଓ ବୟନ, ହସ୍ତଶିଳ୍ପ ତଥା ଯୋଜନା ଓ ସଂଯୋଜନ ବିଭାଗ ୨୩ଟି ଷ୍ଟଲରେ ନିଜ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ତଥା ସୂଚନା ପ୍ରଦାନ କରୁଛନ୍ତି । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଆୟୋଜିତ ସନ୍ଧ୍ୟାରେ ଜନଜାତିଙ୍କ ଦ୍ୱାରା ପରିବେଷିତ କୋୟା ନୃତ୍ୟ, ଗଦବା ନୃତ୍ୟ, ଭୂମିଆ ନୃତ୍ୟ, କିନ୍ଦରୀ ନୃତ୍ୟ, ଲାଞ୍ଜିଆ ସଉରା ନୃତ୍ୟ, ଜେମ୍ବା ନୃତ୍ୟ ଓ ଚାଙ୍ଗୁ ନୃତ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥିଲା ।






















# ବ୍ୟବସାୟ ଦୁନିଆରେ ଆଲିଆ






ବଲିଉଡ ଦୁନିଆରେ ଆଲିଆ ଭଟ୍ଟଙ୍କ କୌଣସି ପରିଚୟର ଆବଶ୍ୟକତା ନାହିଁ । ତାଙ୍କ ବାପା ମହେଶ ଭଟ୍ଟ ବଲିଉଡ୍‌ର ଜଣେ ଜଣାଶୁଣା ନିର୍ଦ୍ଦେଶକ ହୋଇଥିଲେ ମଧ୍ୟ ଆଲିଆ ତାଙ୍କ ଅଭିନୟ ଦ୍ୱାରା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ନିକଟରେ ତାଙ୍କ ଚଳଚ୍ଚିତ୍ର 'ଗଙ୍ଗୁବାଇ କାଠିଆୱାଡି' ଏବଂ 'ଆର୍‌ଆର୍‌ଆର୍' ସୁପର୍‌ହିଟ୍ ହୋଇଥିଲା ।

ଆଲିଆ ଭଟ୍ଟ ଏବଂ ରଣବୀର କପୁର ନିକଟରେ ବିବାହ କରିଥିଲେ ଏବଂ ଦୁହେଁ ଏକ ସୁନ୍ଦର ଶିଶୁ କନ୍ୟାଙ୍କର ପିତାମାତା ମଧ୍ୟ ହୋଇଛନ୍ତି । ସେମାନଙ୍କ ଝିଅର ନାଁ ରାହା କପୁର । ଦୀର୍ଘ ସମୟ ଧରି ଦୁହେଁ କୌଣସି ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ଝିଅର କୌଣସି ଫଟୋ ମଧ୍ୟ ରଖି ନଥିଲେ । ସେମାନଙ୍କ ଝିଅର ମୁହଁକୁ ପ୍ରଶଂସକମାନେ ଦେଖିବା ପାଇଁ ବ୍ୟାକୁଳ ହେଉଥିବା ବେଳେ ନିକଟରେ ଆଲିଆ ତାଙ୍କ ଝିଅର ଚେହେରା ସୋସିଆଲ୍ ମିଡିଆରେ ଶେୟାର କରିଥିଲେ ।

ବର୍ତ୍ତମାନ ଆଲିଆଙ୍କ ପରିବାର ବଢିଥିବାରୁ ଏଥିରୁ ଅନୁମାନ କରାଯାଏ ଯେ ସେ ବଲିଉଡ ଉପରେ କମ୍ ଧ୍ୟାନ ଦେବେ । ଦାୟିତ୍ୱ ବଢିଥିବାରୁ ଆଲିଆ ଉଭୟ ପରିବାର ଏବଂ କାମକୁ ସନ୍ତୁଳିତ କରିବାକୁ ଚେଷ୍ଟା କରୁଛନ୍ତି । ଏଭଳି ପରିସ୍ଥିତିରେ ମଧ୍ୟ ଦେଖାଯାଏ ଯେ ଆଲିଆ ତାଙ୍କ ଝିଅ ପ୍ରତି ଅଧିକ ଧ୍ୟାନ ଦେବା ଆରମ୍ଭ କରିଦେଇଛନ୍ତି । ଆଲିଆ ନିଜ ୱେବ୍‌ସାଇଟ୍ ମାଧ୍ୟମରେ ଏକ ବ୍ରାଣ୍ଡର ପୋଷାକ ବିକ୍ରୟ କରିବାରେ ନିୟୋଜିତ ଅଛନ୍ତି । ଏହା ସହିତ ଆଲିଆଙ୍କ ବ୍ରାଣ୍ଡେଡ୍ ପୋଷାକ ସମସ୍ତ ପ୍ରମୁଖ ଇ-କମର୍ସ ସାଇଟ୍‌ରେ ମଧ୍ୟ ଉପଲବ୍ଧ । ଆଲିଆଙ୍କ କମ୍ପାନୀର ବ୍ରାଣ୍ଡେଡ୍ ପୋଷାକ ଫ୍ଲିପକାର୍ଟ, ମିନ୍ତ୍ରା, ଫାର୍ଷ୍ଟ କ୍ରାଷ୍ଟ, ଆମାଜନ ଇତ୍ୟାଦିରେ ଉପଲବ୍ଧ । ଆଲିଆଙ୍କ କମ୍ପାନୀ ୨୦୨୧ରେ ପୁରା ପିକ୍‌ରେ ଥିଲା । ତେବେ ରିପୋର୍ଟ ଅନୁଯାୟୀ, ଏହି କମ୍ପାନୀ ନିକଟରେ ମାତ୍ର ୧୦ ମାସ ମଧ୍ୟରେ ୧୦ ଗୁଣ ଅଧିକ ବ୍ୟବସାୟ କରିଛି ଏବଂ ପ୍ରାୟ ୧୫୦ କୋଟିର କମ୍ପାନୀ ହୋଇପାରିଛି । ତାଙ୍କ କମ୍ପାନୀ ୨-୧୪ ବର୍ଷର ପିଲାମାନଙ୍କ ପାଇଁ ପୋଷାକ ପ୍ରସ୍ତୁତ କରେ । ସେତେବେଳେ ମିନ୍ତ୍ରାରେ ଏହି ବ୍ରାଣ୍ଡ୍ କ୍ରମାଗତ ତୃତୀୟ ସ୍ଥାନରେ ଥିଲା । କୁହାଯାଏ ଯେ ଏହି ଜିନିଷଗୁଡିକ୍ ଭୋକାଲ୍ ହୋଇଥିଲେ ବି ସ୍ଥାନୀୟ ଚାହିଦାକୁ ନେଇ ତିଆରି । ଏହା ସଂପୂର୍ଣ୍ଣ ଭାବେ ଭାରତରେ ତିଆରି । ନିକଟରେ ଏକ ସାକ୍ଷାତକାରରେ ଆଲିଆ କହିଛନ୍ତି ଯେ ସେ ଯାହା ନିଷ୍ପତ୍ତି ନିଅନ୍ତି ତାହା ପୂରା କରନ୍ତି ।

ଆଲିଆ କହିଛନ୍ତି ଯେ ଏହି ବ୍ରାଣ୍ଡ ପରିବେଶକୁ ନେଇ ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ମଧ୍ୟ କାର୍ଯ୍ୟ କରିବ । ଅକ୍ଟୋବର ୨୦୨୦ ରେ ଆରମ୍ଭ ହୋଇଥିବା ଏହି ବ୍ରାଣ୍ଡକୁ ଦେଶ ତଥା ବିଦେଶରେ ମଧ୍ୟ ପ୍ରଶଂସା କରାଯାଉଛି । ଏହି ବ୍ରାଣ୍ଡ ଅଧୀନ ଏପର୍ଯ୍ୟନ୍ତ ୮୦୦ ପ୍ରକାରର ପୋଷାକ ପ୍ରସ୍ତୁତ ହୋଇସାରିଛି । ଆଲିଆ ଭଟ୍ଟ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ ଆମ ଟିମ୍‌ର କଠିନ ପରିଶ୍ରମ ଫଳ ଦେଇଛି ଏବଂ ଲୋକମାନେ ଯେଉଁ ପ୍ରକାର ଭଲ ପାଇବା ଦେଇଛନ୍ତି ତାହା ସହିତ ଆମେ ଆଗ ବଢୁଛୁ । ଯେମିତିକି ଶୀତଦିନେ ଏହି ବ୍ରାଣ୍ଡକୁ ଖୁବ ପ୍ରଶଂସା କରାଯାଇଥିଲା, ବର୍ତ୍ତମାନ ଗ୍ରୀଷ୍ମ ଋତୁ ପାଇଁ ମଧ୍ୟ ଆମର ଅନେକ ପ୍ରସ୍ତୁତି ଅଛି । ଆଲିଆ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ସେ ଏବେ ବି ବ୍ୟବସାୟ ଶିଖୁଛନ୍ତି । ଆଲିଆ କହିଛନ୍ତି ଯେ ତାଙ୍କ ବ୍ରାଣ୍ଡ ପ୍ରାକୃତିକ ଫାଇବରରେ ତିଆରି । କମ୍ପାନୀ ନୈତିକ ବାଣିଜ୍ୟର ମାନକ ସେଡେକ୍ସର ପ୍ରମାଣପତ୍ର ପାଇଛି । ଏହା ବ୍ୟତୀତ ଅନ୍ୟ କେତେକ ଆନ୍ତର୍ଜାତୀୟ ମାନକ ଏହି କମ୍ପାନୀକୁ ମଧ୍ୟ ମିଳିଛି । ଏହା ଏକ ସଂପୂର୍ଣ୍ଣ ଭେଗାନ୍ ଅନୁରୂପ ବ୍ରାଣ୍ଡ । ଆଲିଆ ଆହୁରି ମଧ୍ୟ କହିଛନ୍ତି ଯେ ଏକ ଉତ୍ତମ ଗୁଣ ସହିତ ଉଚିତ ମୂଲ୍ୟ ଯୋଗୁଁ ଜିନିଷ ଉପରେ ଲୋକଙ୍କ ବିଶ୍ୱାସ ବଢିଚାଲିଛି । ଏସବୁକି ଦେଖିଲେ ଏହା ଅନୁମାନ କରାଯାଉଛି ଯେ ଆଲିଆ ଭବିଷ୍ୟତରେ ପୂରା ବ୍ୟବସାୟକୁ ସମ୍ଭାଳିବାରେ ସମୟ ଦେଇପାରନ୍ତି । ଏନେଇ ତାଙ୍କୁ ହୁଏତ ଆଉ ଫିଲ୍ମରେ ଅଂଶ ହେବା ନେଇ ସମୟ ନ ମିଳିପାରେ । ଏନେଇ ସେ ବଲିଉଡ୍‌ରୁ ଦୂରେଇ ଯିବାର ସମ୍ଭାବନା ଦେଖାଦେଇଛି ।

# ସ୍ୱାସ୍ଥ୍ୟ ପାଇଁ ବରଦାନ ଚଣା

ଚଣା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ । ଅନେକ ରୋଗରୁ ଚଣା ମୁକ୍ତି ଦେଇଥାଏ । ବିଶେଷ କରି ଗୁଡ଼ ସହ ଯଦି ଚଣା ଆପଣ ଖାଉଥାଆନ୍ତି ତେବେ ଆପଣଙ୍କୁ ଅନେକ ଲାଭ ମିଳିବ । ପ୍ରୋଟିନ୍, କ୍ୟାଲସିୟମ ଓ ଫାଇଭର ଭଳି ଅନେକ ପୋଷକ ତତ୍ତ୍ୱ ଏଥିରେ ଭରି ରହିଛି । ଯାହା ଆପଣଙ୍କ ପାଇଁ ବେଶ୍ ଲାଭଦାୟକ ହେବ । ମଧୁମେହ ରୋଗୀଙ୍କ ପାଇଁ ଗୁଡ଼ ଓ ଚଣା ଏକାଠି ଖାଇବା ଦ୍ୱାରା ବେଶ୍ ଲାଭଦାୟକ ହୋଇଥାଏ ।

ଖାଲି ସେତିକି ନୁହେଁ ଗୁଡ଼ ଓ ଚଣା ଖାଇବା ଦ୍ୱାରା ରକ୍ତର ଶର୍କରା ମଧ୍ୟ ନିୟନ୍ତ୍ରଣ ହୋଇଥାଏ । ସବୁଠାରୁ ବଡ଼ କଥା କ'ଣ ଜାଣିଛନ୍ତି ? ଏଥିରେ ଭରପୁର ଆଇରନ୍ ରହିଥାଏ । ଯାହାକି ରକ୍ତ ଅଭାବରୁ ଦୂରରେ ରଖିଥାଏ । ଗର୍ଭବତୀ ମହିଳା ମାନେ ଚଣା ସେବନ କରିବା ଦ୍ୱାରା ବେଶ୍ ଉପକାର ମିଳିଥାଏ ।

ଗୁଡ଼ ଦ୍ୱାରା ଚଣାକୁ ସେବନ କଲେ ସ୍ମରଣ ଶକ୍ତି ବଢ଼ିବା ସହ ଖାଦ୍ୟ ଭଲଭାବେ ହଜମ ହୋଇଥାଏ । ଚଣା ଖାଇବା ଦ୍ୱାରା ଆହୁରି ଅନେକ ଫାଇଦା ମିଳିଥାଏ । ମେଦବହୁଳତା ଲୋକଙ୍କ ଓଜନ ହ୍ରାସ କରିଥାଏ ଚଣା । ଚଣାରେ ଭରପୂର କ୍ୟାଲସିୟମ ଭରି ରହିଛି । ଏହା ହାଡ଼ ମଧ୍ୟ ମଜଭୂତ କରିଥାଏ । ଚଣା ଖାଇବା ଦ୍ୱାରା ଅଣ୍ଟା ଯନ୍ତ୍ରଣା କମ୍ ହେବା ସହ ହଜମ ମଧ୍ୟ ଠିକ୍ କରାଇଥାଏ ।



# ଖାଲି ପେଟରେ ପିଲାଙ୍କୁ ଦିଅନ୍ତୁ ୫ଟି ହେଲଦି ଫୁଡ୍

**ପିଲାମାନଙ୍କର ସ୍ୱାସ୍ଥ୍ୟରେ ବିକାଶ ପାଇଁ ଉପଯୁକ୍ତ ପରିମାଣର ପୁଷ୍ଟିକର ଖାଦ୍ୟ ପାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନେକ ପିଲା ସକାଳୁ ଉଠି ସୁସ୍ଥ ଖାଦ୍ୟ କିଛି ପରିବର୍ତ୍ତେ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଆରମ୍ଭ କରନ୍ତି । ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ବୋଲି ପ୍ରମାଣ କରେ । କିଛି ପିଲା ଅଛନ୍ତି ଯେଉଁମାନେ ସଠିକ୍ ଭାବରେ ଖାଆନ୍ତି ନାହିଁ । ସେଥିପାଇଁ ପିତାମାତାମାନେ ସେମାନଙ୍କର ପିଲାମାନଙ୍କର ଖାଇବା ଅଭ୍ୟାସ ପ୍ରତି ଧ୍ୟାନ ଦେବା ଜରୁରୀ ଅଟେ । ପିଲାମାନଙ୍କୁ ସୁସ୍ଥ ଏବଂ ଶକ୍ତିଶାଳୀ ରଖିବା ପାଇଁ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଖାଇବାକୁ ଦେବା ଆବଶ୍ୟକ । ଏଠାରେ ଆମେ ଏହିପରି ପାଞ୍ଚଟି ଖାଦ୍ୟ ସାମଗ୍ରୀ ବିଷୟରେ କହିବାକୁ ଯାଉଛୁ । ଯାହା ଖାଲି ପେଟରେ ପିଲାମାନଙ୍କୁ ଖାଇବାକୁ ଦିଆଯିବା ଉଚିତ୍ ।**

**ବାଦାମ:** ବାଦାମ ଶରୀର ପାଇଁ ବହୁତ ଲାଭଦାୟକ ଅଟେ । ଏଥିରେ ଲୌହ, ପ୍ରୋଟିନ୍, ଫାଇବର, ଭିଟାମିନ୍ ଇ ଇତ୍ୟାଦି ଥାଏ । ଯାହା ଆବଶ୍ୟକୀୟ ପୋଷକ ତତ୍ତ୍ୱ ରେ ଭରପୂର ଅଟେ । ବାଦାମ ଖାଇବା ଦ୍ୱାରା ପିଲାମାନଙ୍କର ସ୍ମୃତି ମଧ୍ୟ ବୃଦ୍ଧି ହୁଏ । ତାଙ୍କ ଶରୀର ମଧ୍ୟ ସୁସ୍ଥ ରହିଥାଏ । ବାଦାମ ଖାଇବା ଦ୍ୱାରା ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ।

**କଦଳୀ:** କଦଳୀରେ କାର୍ବୋହାଇଡ୍ରେଟ୍, ଆଇରନ୍, ସୋଡିୟମ୍ ଏବଂ ଜିଙ୍କ୍ ଭରପୂର ଥାଏ । ଯଦି ତୁମର ପିଲା ପତଳା, ତେବେ ତୁମେ ତାଙ୍କୁ ପ୍ରତିଦିନ ସକାଳେ ଖାଲି ପେଟରେ ଖାଇବା ପାଇଁ କଦଳୀ ଦେଇ ପାରିବ । କାରଣ ସକାଳେ ଖାଲି ପେଟରେ କଦଳୀ ଖାଇବା ଦ୍ୱାରା ତାଙ୍କ ଓଜନ ବଢିଥାଏ । ଏହା ବ୍ୟତୀତ ସେମାନଙ୍କର ହାଡ ମଧ୍ୟ ଶକ୍ତିଶାଳୀ ହୁଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢେ ।

**ଗୁସବେରୀ ଜାମ:** ଗୋସବେରୀ ଜାମ ହେଉଛି ଅନେକ ଜରୁରୀ ପୋଷକ ତତ୍ତ୍ୱ ର ଭଣ୍ଡାର । ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ସି ଏବଂ ପୋଟାସିୟମ୍ ଏଥିରେ ପ୍ରଚୁର ପରିମାଣରେ ମିଳିଥାଏ । ପ୍ରତିଦିନ ସକାଳେ ଖାଲି ପେଟରେ ପିଲାମାନଙ୍କୁ ଗୁସବେରି ଜାମ ଖାଇବା ଦ୍ୱାରା ସେମାନଙ୍କର ଦୃଷ୍ଟି ଶକ୍ତି ଭଲ ରୁହେ । ଏହା ବ୍ୟତୀତ ତାଙ୍କ ପେଟ ମଧ୍ୟ ସୁସ୍ଥ ଥାଏ । ଏହା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ହେବାର ଆଶଙ୍କା ମଧ୍ୟ କମିଯାଏ ।

**ସେଓ:** କ୍ୟାଲସିୟମ୍, ଆଇରନ୍, ଜିଙ୍କ୍ ଏବଂ ପୋଟାସିୟମ୍ ପରି ପୁଷ୍ଟିକର ଖାଦ୍ୟରେ ପ୍ରଚୁର ପରିମାଣରେ ମିଳିଥାଏ । ପ୍ରତିଦିନ ସକାଳେ ଖାଲି ପେଟରେ ପିଲାମାନଙ୍କୁ ସେଓ ଖାଇବାକୁ ଦିଅନ୍ତୁ । ଏହା ଦ୍ୱାରା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ।

**ଉଷୁମ ପାଣି:** ସମସ୍ତେ ସକାଳେ ଉଷୁମ ପାଣି ପିଇବାର ଅଭ୍ୟାସରେ କରିବା ଉଚିତ୍ । ଏହା ଛୋଟ ପିଲା ହେଉ କିମ୍ବା ବୟସ୍କ । ପ୍ରତିଦିନ ସକାଳେ ଖାଲି ପେଟରେ ଉଷୁମ ପାଣି ପିଇବା ଦ୍ୱାରା ପିଲାମାନେ ସୁସ୍ଥ ରୁହନ୍ତି । ପାଣିପାଗ ସମ୍ବନ୍ଧୀୟ ରୋଗର ଆଶଙ୍କା ମଧ୍ୟ କମ୍ ଥାଏ ।



# ଇଟାଭାଟି ଧୂଆଁରେ ଆକ୍ରାମାକ୍ରା ୫ ଗାଁ



ଯାଜପୁର: ଦାଉ ସାଧୁଛି ବେଆଇନ ଇଟାଭାଟି । ଅତିଷ୍ଠ ହେଲେଣି ଗ୍ରାମବାସୀ । ଦିନରାତି ଇଟାଭାଟିର ଚିମିନି ଲାଗି ଧୂଆଁରେ ପ୍ରଦୂଷଣର ଶିକାର ହେଉଛନ୍ତି ସ୍ଥାନୀୟ ଲୋକେ । କୌଣସି ପ୍ରଦୂଷଣ ବିଭାଗର ଅନୁମତି ନନେଇ ସରକାରୀ ନିୟମ ଓ ପ୍ରଦୂଷଣ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରି ଚାଲିଛନ୍ତି ଇଟାଭାଟି ମାଲିକ । ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମ୍ପୃକ୍ତ ଇଟାଭାଟିଗୁଡ଼ିକୁ କ୍ଲୋଜର ନୋଟିସ୍ ଜାରି କରାଯାଇଛି । ମାତ୍ର ଜିଲ୍ଲା ପ୍ରଶାସନର ଖାମଖିଆଲି ମନଭାବ ଯୋଗୁଁ ଇଟାଭାଟିରେ ଅଙ୍କୁଶ ଲାଗିପାରିନି । ଯାହାକୁ ନେଇ ଏବେ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି ।

ଯାଜପୁର ଜିଲ୍ଲାର ଅନେକ ଅଞ୍ଚଳରେ ବେଆଇନ ଇଟାଭାଟି ଖୋଲି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି ଇଟାଭାଟି ମାଲିକ । ମାତ୍ର ଏହି ଇଟାଭାଟି ଖୋଲିବା ପୂର୍ବରୁ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି । ପ୍ରଦୂଷଣ ବିଭାଗର ନିୟମକୁ ଉଲ୍ଲଂଘନ କରିବା ସହିତ ଇଟାଭାଟି ପାଇଁ ଲାଗିଥିବା ଚିମିନି ଧୂଆଁରେ ଧୂଆଁମୟ ପରିବେଶ କରିଦେଉଛନ୍ତି । ଯାହାଫଳରେ ବିଷାକ୍ତ ଧୂଆଁରେ ପ୍ରଦୂଷଣର ଶିକାର ହୋଇ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି । ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ ଅଧିନ ସଠୀପୁର, ପଥରପଦା, ରୁଢିଆ ଓ ମୂଳାପାଳ ଆଦି ଅଞ୍ଚଳରେ ଅନେକ ବେଆଇନ ଇଟାଭାଟି ମାନ ଠିଆ ହୋଇଛି ।

ସ୍ଥାନୀୟ ଅଞ୍ଚଳର ଦୁଇଟି ବଡ଼ ସଂସ୍ଥା ଏପରି ବେଆଇନ ଇଟାଭାଟି ଚଳାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସରକାରୀ ନିୟମ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଇନକୁ ଖାତିର ନକରି ବେଆଇନ ଇଟାଭାଟି ଚଳାଇଛନ୍ତି । ଯାହାଫଳରେ ମୃତ୍ତିକା କ୍ଷୟ ହେବାସହ ଇଟାଭାଟିର ଚିମିନି ଧୂଆଁରେ ସ୍ଥାନୀୟ ଗ୍ରାମବାସୀ ପ୍ରଦୂଷଣର ଶିକାର ହେଉଛନ୍ତି । ବିଭିନ୍ନ ରୋଗର ଶିକାର ମଧ୍ୟ ହେଉଛନ୍ତି । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ବିରୋଧ କରୁଥିବା ଦେଖିବାକୁ ମିଳୁଛି ।

ଜିଲ୍ଲାରେ ଶହଶହ ବେଆଇନ ଇଟାଭାଟି ଯୋଗୁଁ ମାଲିକମାନେ ମାଲାମାଲ ହେଉଥିବା ବେଳେ ରାଜସ୍ୱ ହରାଉଛନ୍ତି ସରକାର । ଏହି ଇଟାଭାଟିଗୁଡିକ କେବଳ ପ୍ରଦୂଷଣ କରୁଛି ତାହା ନୁହେଁ ବେଆଇନ ଭାବେ ସରକାରୀ ଜମି ଜବରଦଖଲ କରି ଇଟାଭାଟି ଚଳାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେପଟେ ଲୋକେ ଏହାକୁ ବିରୋଧ କଲେ ଇଟାଭାଟି ମାଲିକଙ୍କ କର୍ମଚାରୀ ଧମକ ଦେଉଥିବା ଅଭିଯୋଗ କରିଛନ୍ତି । ତେବେ ଏହି ଅଞ୍ଚଳରେ ପ୍ରଦୂଷଣ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମ୍ପୃକ୍ତ ଇଟାଭାଟିଗୁଡ଼ିକୁ ଅନେକ ଥର କ୍ଲୋଜର ନୋଟିସ ଜାରି କରାଯାଇଥିବା ଜିଲ୍ଲା ପ୍ରଦୂଷଣ ବିଭାଗ ଅଧିକାରୀ କହିଛନ୍ତି । ହେଲେ ଜିଲ୍ଲା ପ୍ରଶାସନ ଏମାନଙ୍କ ଉପରେ ଅଙ୍କୁଶ ଲଗାଇବାରେ ବିଫଳ ହୋଇଛି । ଅନ୍ୟପଟେ ଏ ସମ୍ବନ୍ଧରେ ସ୍ଥାନୀୟ ତହସିଲଦାରଙ୍କୁ ପଚାରିବାରୁ ସେ କିଛି କହିବାକୁ ମନା କରି ଦେଇଥିଲେ । ବାରମ୍ବାର ଅଭିଯୋଗ ସତ୍ତ୍ୱେ ବେଆଇନ ଇଟାଭାଟିକୁ ବନ୍ଦ କରିବାରେ ବିଫଳ ହୋଇଛି ପ୍ରଶାସନ । ଆଗାମୀ ଦିନରେ ପ୍ରଶାସନ ଏନେଇ କୌଣସି ପଦକ୍ଷେପ ନନେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ତେଜିବାରେ ଲାଗିଛି ବିଶ୍ୱବିଦ୍ୟାଳୟ ଦାବି

ରାଉରକେଲା: ଇସ୍ପାତ ନଗରୀ ରାଉରକେଲାରେ ତେଜୁଛି ବିଶ୍ୱବିଦ୍ୟାଳୟ ଦାବି । ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାରେ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ଦାବି ଜୋର ଧରିଛି । ରାଉରକେଲାରେ ବିଶ୍ୱବିଦ୍ୟାଳୟ ହେବା ହେଉଛି ରାଉରକେଲାବାସୀଙ୍କ ନ୍ୟାର୍ଯ୍ୟ । ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ କଲେଜକୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଘୋଷଣା କରୁଥିବାବେଳେ ରାଉରକେଲା ସହରରେ ମଧ୍ୟ ରାଜ୍ୟ ସରକାର ଏହାକୁ ନେଇ ପଦକ୍ଷେପ ଗ୍ରହଣ କରି ଏଠାରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ କରନ୍ତୁ ବୋଲି ରାଉରକେଲା ନାଗରିକ ସୁରକ୍ଷା ମଞ୍ଚ ଦାବି କରିଛି ।

ରାଉରକେଲା ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଛି । ଏହି ପରିପ୍ରେକ୍ଷୀରେ ନାଗରିକ ସୁରକ୍ଷା କମିଟି ପକ୍ଷରୁ ଏକ ଆଲୋଚନା ବୈଠକ କରାଯାଇଥିଲା । ଏଥିରେ ସୁନ୍ଦରଗଡ଼ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତି ତଥା ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଏହି ବୈଠକରେ ରାଉରକେଲା ସହରରେ କିଭଳି ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ ତାହା ନେଇ ଆଲୋଚନା ହୋଇଥିଲା ।

ରାଉରକେଲାକୁ ସବୁ କ୍ଷେତ୍ରରେ ଅବହେଳା କରାଯାଉଛି ଏହାକୁ ନେଇ ସରକାର ଜବାବ ଦେବା ଜରୁରୀ ବୋଲି ଦାବି କରିଛନ୍ତି ରାଉରକେଲା ନାଗରିକ ସୁରକ୍ଷା କମିଟି । ରାଉରକେଲା ପାନପୋଷ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଉ ବୋଲି ଦାବି ହୋଇଛି । ଏହି ଶିକ୍ଷା ଅନୁଷ୍ଠାନ ବହୁ ପୁରାତନ ଏବଂ ଏଠାରେ ଶିକ୍ଷା ଲାଭ କରିବା ପାଇଁ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଉତ୍ସାହ ଭରି ରହିଥାଏ ।

ସୁନ୍ଦରଗଡ଼ ଜିଲ୍ଲାର ପ୍ରାୟ ୧୪୮ଟି ଡିଗ୍ରୀ କଲେଜ ଏହି ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଲେ ଉପକୃତ ହେବେ । ଏହା ସାଙ୍ଗକୁ ଦେବଗଡ଼ ଏବଂ ଅନୁଗୁଳ ଜିଲ୍ଲାର କିଛି କଲେଜକୁ ମଧ୍ୟ ଏହାର ଅନ୍ତର୍ଭୁକ୍ତ କଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉପରେ ର୍ନିଭରଶୀଳ ଥିବା ଛାତ୍ରଛାତ୍ରୀ ଉପକୃତ ହେବେ । ଗୋଟିଏପଟେ ରାଜ୍ୟ



ସରକାର କହୁଛନ୍ତି ଜାଗା ନାହିଁ ଏବଂ କେନ୍ଦ୍ର ସରକାର ଏହାକୁ ଗ୍ରାଣ୍ଟ ଦେବାକୁ ଚାହୁଁ ନାହାନ୍ତି । ତେବେ ଏହି ସଂପର୍କରେ ବିଜେପି ରାଜ୍ୟ ମୁଖପାତ୍ର ଧୀରେନ ସେନାପତି କହିଛନ୍ତି, ସେ ନିଜେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଥିଲେ ଏବଂ ରାଉରକେଲାରେ ବିଶ୍ୱବିଦ୍ୟାଳୟ ପାଇଁ ଚିଠି ମଧ୍ୟ ଲେଖିଥିଲେ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଯଦି ରାଜ୍ୟ ସରକାର ଏହି ପାନପୋଷ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଅନ୍ତି ତାହାହେଲେ କେନ୍ଦ୍ର ସରକାର ଏହାକୁ UGC ଗ୍ରାଣ୍ଟ ଦେବେ । ଏନେଇ ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ରାଜ୍ୟ ସରକାଙ୍କ ଅବହେଳା ଯୋଗୁ ହିଁ ଏଠାରେ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇ ପାରୁନାହିଁ । ତେବେ ଆଗାମୀ ଦିନରେ ରାଉରକେଲାରେ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ନେଇ ଦାବି ଆହୁରା ତୀବ୍ର କରାଯିବ ବୋଲି କୁହାଯାଇଛି ।


# ଘର ନାହିଁ: ମୁଣ୍ଡ ଗୁଞ୍ଜିବାକୁ ପଲିଥିନ ସାଜିଛି ସାହାରା

ଗଞ୍ଜାମ: ମୁଣ୍ଡ ଗୁଞ୍ଜିବାକୁ ନାହିଁ ଘର । କେଇଖଣ୍ଡ ପଲଥିନ ଓ ଗଛ ଡାଳ ସାଜିଛି ସାହାରା । ଜୀବଜନ୍ତୁଙ୍କ ଦାଉରୁ ରକ୍ଷା ପାଇବାକୁ ଘରେ କବାଟ ବଦଳରେ ବନ୍ଧା ହୋଇଛି ପଲିଥିନ । ଯେଉଁଠି ରୋଷେଇ କରୁଛନ୍ତି, ସେଇଠି ମାଟି ଉପରେ ଶୋଇଯାଉଛନ୍ତି । ଖରା, ବର୍ଷା, ଶୀତ ସବୁବେଳେ ଏହି ଝାଟି ମାଟି ଘର ଏମାନଙ୍କ ଲାଗି ପାଲଟିଛି ସାହାରା । ଏହି ଅବସ୍ଥା ଦିନେକି ଦୁଇଦିନର ନୁହଁ ଦୀର୍ଘ ବର୍ଷ ଧରି ଏଭଳି ଅବସ୍ଥାରେ ରହୁଛନ୍ତି, ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ତିଆଡ଼ିପଲ୍ଲୀ ଗ୍ରାମର ଯୋଗେନ୍ଦ୍ର ମହାରଣା ଓ ସାବିତ୍ରୀ ବେହେରାଙ୍କ ପରିବାର । ଭୂମିହୀନ ହିତାଧିକାରୀଙ୍କୁ ଥଇଥାନ ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରହିଛି କାହିଁ କେତେ ଯୋଜନା । ଆଉ ଏହି ଯୋଜନା ଲାଗି ରାଜକୋଷରୁ ବାର୍ଷିକ କୋଟି କୋଟି ଟଙ୍କା ପାଣିଭଳି ଖର୍ଚ୍ଚ ହେଉଛି । ତେବେ ଏହି ଯୋଜନା ପ୍ରକୃତ ହିତାଧିକାରୀଙ୍କ ପାଖରେ କିଭଳି ପହଁଚୁଛି ତାହା ଏହି ଚିତ୍ରକୁ ଦେଖିଲେ ସ୍ପଷ୍ଟ ବାରିହେଉଛି ।

ଉଭୟ ପରିବାରର ନିଜସ୍ୱ ଯାଗା ନାହିଁ କି ଭଡା ଘର ନେବାକୁ ସମର୍ଥ ନୁହଁନ୍ତି । ଫଳରେ ଠାକୁର ଜମି ଉପରେ ଏପରି ଦୁଃଖେ କଷ୍ଟେ ରହି ଆସୁଛନ୍ତି । ର୍ନିବାଚନ ସମୟରେ ନେତା ଭୋଟ ମାଗିବାକୁ ଆସନ୍ତି ଓ ସମସ୍ୟାର ସମାଧାନ ଲାଗି ପ୍ରତିଶୃତି ଦେଇ ଚାଲିଯାନ୍ତି । ମାତ୍ର ର୍ନିବାଚନ ଶେଷ ହେବାପରେ ଏ ଅଭାବି ପରିବାରକୁ ପାସୋରି ଦିଅନ୍ତି । ବାରମ୍ବାର ଗୁହାରୀ କରିଥିଲେ କେହି ଶୁଣୁନଥିବା ଅଭିଯୋଗ କରିଛନ୍ତି ଦୁଇ ଅସହାୟ ପରିବାର । ଅନ୍ୟପଟେ ଦୁଇ ପରିବାରଙ୍କୁ ସହାୟତା ଲାଗି ଯଥାଶୀଘ୍ର ପଦକ୍ଷେପ ନିଆଯାଉଛି କହିଛନ୍ତି କବିସୂର୍ଯ୍ୟନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ । ତେବେ ଏଠି ପ୍ରଶ୍ନ ଉଠୁଛି ଭୂମିହୀନଙ୍କ ଲାଗି ହୋଇଥିବା ସରକାରଙ୍କ ମାଳମାଳ ଯୋଜନା କତେ ସଫଳ ? କାହିଁକି ପ୍ରକୃତ ହିତାଧିକାରୀଙ୍କୁ ଯୋଜନାରେ ମିଳୁନି ଲାଭ ? ତେବେ ଏହି ଖବର ପ୍ରସାରଣ ପରେ ଦୁଇ ଅସହାୟ ପରିବାରକୁ ବ୍ଲକ ପ୍ରଶାସନ ପକ୍ଷରୁ କିଭଳି ସହାୟତା ଯୋଗାଉଛି ତାହା ଦେଖିବାକୁ ବାକି ରହିଲା ।

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।

**ଶିକ୍ଷା**



# Correction of Errors

Wrong : She goes by bus to college.
Right : She goes to college by bus.(adverb of place follows the'verb of movement ')
Wrong : They proposed that we would go on a study tour.
Right : They proposed that we should go on a study tour.
Wrong : Child is a father of man.
Right : Child is the father of man.(Here 'father' is used figuratively.So article 'the' is used "before it.)
Wrong : He is the most ideal person.
Right : He is an ideal person.('ideal' has no degree)
Wrong : Generally people are believing in God.
Right : Generally people believe in God.
Wrong : We haven't informed to them.
Right : We haven't informed them.
Wrong : The Everest is the largest peak in Asia.
Right : Everest is the largest peak in Asia.(No article is used before the name of a single mountain.)
Wrong : He is my cousin brother.
Right : He is my cousin.
Wrong : The Chairwoman presided over the meeting.
Right : The Chairperson presided over the meeting.
Wrong : She told that she will do it.
Right : She told that she would do it.

# ବ୍ୟାପୁଛି ମସ୍ତିଷ୍କ ଜ୍ୱର !

ବାଲେଶ୍ୱର: ବ୍ୟାପୁଛି ମସ୍ତିଷ୍କ ଜ୍ୱର ! ବାଲେଶ୍ୱର ଜିଲ୍ଲା ସୋର ପୁରୁବାଇ କନ୍ୟାଶ୍ରମର ଛାତ୍ରୀଙ୍କୁ ହୋଇଛି ମସ୍ତିଷ୍କ ପ୍ରଦାହ ଅର୍ଥାତ୍ ମସ୍ତିଷ୍କ ଜ୍ୱର । କନ୍ୟାଶ୍ରମର ୨୬ ଜଣ ଅନ୍ତେବାସିନୀଙ୍କ ମଧ୍ୟରୁ ୫ ଜଣଙ୍କ ରିପୋର୍ଟରେ ଏହି ତଥ୍ୟ ସାମ୍ନାକୁ ଆସିଛି । ଅନ୍ୟମାନଙ୍କ ରିପୋର୍ଟ ନେଗେଟିଭ୍ ଥିବାବେଳେ ୫ ଜଣ ମସ୍ତିଷ୍କ ଜ୍ୱରରେ ପୀଡ଼ିତ ହୋଇଛନ୍ତି ।

ଅନ୍ୟପକ୍ଷେ, ରିପୋର୍ଟ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନା ତତ୍ପରତା ପ୍ରକାଶ କରିଛି । ମସ୍ତିଷ୍କ ଜ୍ୱରରେ ପୀଡ଼ିତ ଥିବା ୫ ଜଣ ଛାତ୍ରୀଙ୍କ ସମେତ ଅନ୍ୟ ଦୁଇ ଛାତ୍ରୀଙ୍କୁ ମିଶାଇ ମୋଟ ୭ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି । ସାଧାରଣତଃ ଏହା ଘୁଷୁରୀ ଓ ମଶା ଦ୍ୱାରା ବ୍ୟାପୁ ଥିବାରୁ ସେନେଇ ବି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି । କନ୍ୟାଶ୍ରମର ଆଖପାଖ ଅଞ୍ଚଳରେ ଘୁଷୁରୀ ରହୁଛନ୍ତି କି ନାହିଁ ସେ ନେଇ ବି ଯାଞ୍ଚ ଚାଲିଛି। ଗତକାଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଘଟଣାସ୍ଥଳକୁ ଯାଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ସୂଚନାଥାଉ କି, ଗତ ଶୁକ୍ରବାର ଦିନ କନ୍ୟାଶ୍ରମରେ କିଛି ଛାତ୍ରୀ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ । ଜଣକ ପରେ ଜଣେ ବାନ୍ତି କରିବା ଯୋଗୁ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା ।

# ବର୍ଷକ ମଧ୍ୟରେ ପଦ୍ମପୁର ହେବ ଜିଲ୍ଲା

## ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ପଦ୍ମପୁର ଗସ୍ତ: ଉଦ୍‌ଘାଟନ କଲେ ୧୨୭ କୋଟିର ପ୍ରକଳ୍ପ

ବରଗଡ଼: ପଦ୍ମପୁର ଉପନିର୍ବାଚନ ସମୟରେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରାଯିବ । ବର୍ଷକ ଭିତରେ ପଦ୍ମପୁରକୁ ଜିଲ୍ଲା ମାନ୍ୟତା ମିଳିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ବରଗଡ଼ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀର ୩ଟି ସ୍ଥାନରେ ସଭା କରି ଏଭଳି ଘୋଷଣା କରିଛନ୍ତି । ଝାରବନ୍ଧ ଠାରେ ଆୟୋଜିତ ଜନସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ, ଗତ ପଦ୍ମପୁର ଉପନିର୍ବାଚନ ସମୟରେ ସେ ଦେଇଥିବା ବିଭିନ୍ନ ପ୍ରତିଶ୍ରୁତି ପାଳନ କରିବା ସହିତ ଏହି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଧନ୍ୟବାଦ ଦେବା ପାଇଁ ଆସିଛନ୍ତି । ଏହି ସଭାରେ ମୁଖ୍ୟମନ୍ତ୍ରୀ ନାଁ ନ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଟାର୍ଗେଟ କରି କହିଥିଲେ, ଗତ ଉପନିର୍ବାଚନ ସମୟରେ କେନ୍ଦ୍ରମନ୍ତ୍ରୀ ବରଗଡ଼–ନୂଆପଡା ରେଲୱେ ଲାଇନ, କେନ୍ଦୁପତ୍ରରୁ ଜିଏସ୍‌ଟି ଛାଡ ଆଦି ନାନା ପ୍ରତିଶ୍ରୁତି ଦେଇଥିଲେ । ପ୍ରଭୁ ନୃସିଂହନାଥ ସେମାନଙ୍କୁ ଏସବୁ ମନେ ପକାଇ ଦିଅନ୍ତୁ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଝାରବନ୍ଧ ବ୍ଲକର ମିଶନ ଶକ୍ତି ମହିଳାଙ୍କୁ ଚେକ ପ୍ରଦାନ କରିବା ସହ ୯୦ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୩୩୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୮ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟରେ ୧୧ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ପାଇକମାଲ ଜନସଭାରେ ଯୋଗ ଦେଇଥିଲେ । ସେଠାରେ ମୁଖ୍ୟମନ୍ତ୍ରୀ କହିଥିଲେ, ସେ କଥାରେ ନୁହଁ କାମରେ ବିଶ୍ୱାସ କରନ୍ତି । ପାଇକମାଲ ପିଏଚ୍‌ସିକୁ ସିଏଚ୍‌ସି କରାଯାଇଛି । ସେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ୨ମାସ ଭିତରେ ପଦ୍ମପୁର ଅଞ୍ଚଳ ଗସ୍ତ କରିଛନ୍ତି ବୋଲି କହିଥିଲେ ।

ପାଇକମାଲ ସଭାରେ ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଆପଣମାନେ ଖୁସି ତ, ମୁଁ ବି ବହୁତ ଖୁସି କହିବା ପରେ ସଭାସ୍ଥଳ ତାଳିରେ ପ୍ରକମ୍ପିତ ହୋଇଥିଲା । ପରେ ସେ ମିଶନ ଶକ୍ତି ଗ୍ରୁପ୍‌ଙ୍କୁ ଚେକ୍ ପ୍ରଦାନ ସହିତ ୨୯ କୋଟି ୩୩ ଲକ୍ଷ ଟଙ୍କାର ୬୪୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ଏବଂ ୭ କୋଟି ୯୪ ଲକ୍ଷ ଟଙ୍କାର ୨୦ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ଏହାପରେ ସେଠାରୁ ମୁଖ୍ୟମନ୍ତ୍ରୀ ସିଧା ପଦ୍ମପୁର ଯାଇ ପୂର୍ତ୍ତ ବଙ୍ଗଳାରେ କିଛି ସମୟ ବିଶ୍ରାମ ନେଇଥିଲେ । ଅପରାହ୍ନ ୩ଟା ୪୫ରେ ପଦ୍ମପୁର ହାଇସ୍କୁଲ ପଡିଆରେ ଆୟୋଜିତ ସଭାରେ ସେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ପଦ୍ମପୁରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦେବା ପାଇଁ ପୁଣି ଘୋଷଣା କରିଥିଲେ । ଜିଲା ପାଇଁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇଛି । ବର୍ଷକ ଭିତରେ ପଦ୍ମପୁରକୁ ଜିଲା ମାନ୍ୟତା ମିଳିବ ବୋଲି ସେ କହିଥିଲେ । ଆଗାମୀ ଦିନରେ ପଦ୍ମପୁର ଅଞ୍ଚଳର ବିକାଶ ହେବା ସହିତ ଆହୁରି ଅନେକ ପ୍ରକଳ୍ପ ହେବ ଏବଂ ସବୁ କାମ ସମୟ ଭିତରେ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଗୋଷ୍ଠୀଙ୍କୁ ଚେକ୍ ପ୍ରଦାନ କରିଥିଲେ । ପରେ ସେ ୩୧ କୋଟି ଟଙ୍କା ବ୍ୟୟରେ ୭୨୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ଦେବା ସହିତ ୪ କୋଟି ୪୯ ଲକ୍ଷ ଟଙ୍କାର ୯୬ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ସଭା ପରେ ମୁଖ୍ୟମନ୍ତ୍ରୀ ଅପରାହ୍ନ ସାଢେ ୪ରେ ସତୀଭଟା ବିମାନ ଅବତରଣ କେନ୍ଦ୍ରକୁ ଯାଇ ସେଠାରୁ ଭୁବନେଶ୍ୱର ଫେରିଯାଇଥିଲେ ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିଶ୍ୱରେ ତାତି...

ଦ୍ୱିତୀୟରେ ପୃଥିବୀର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି । ପାଗ ସହ ଜଡିତ ଏକ ଭୟାନକ ଚିତ୍ର ମଧ୍ୟ ସାମ୍ନାକୁ ଆସିଛି । ଏହା ଜଣାପଡିଛି ଯେ ୧୮୮୦ ପରଠାରୁ ପୃଥିବୀର ୨୦୨୨ ଷଷ୍ଠ ଉଷ୍ମ ବର୍ଷ ଭାବେ ଉଭା ହୋଇଛି । ଯଦି ଭାରତ ଦୃଷ୍ଟିକୋଣରୁ ଦେଖାଯାଏ, ୨୦୨୨ ବର୍ଷ ୧୯୦୧ ପରଠାରୁ ପଞ୍ଚମ ଉଷ୍ମ ବର୍ଷ ଭାବରେ ରେକର୍ଡ କରାଯାଇଛି । ଏହା ସହିତ ରିପୋର୍ଟରେ ପ୍ରମୁଖ ୫ କାରଣ ମଧ୍ୟରେ ଦ୍ରୁତ ଭାବେ ଗ୍ଲାସିୟର ତରଳିବା, ସାମୁଦ୍ରିକ ଝଡ଼ ସଂଖ୍ୟାରେ ବୃଦ୍ଧି, ପାଣିପାଗରେ ଅପ୍ରତ୍ୟାଶିତ ପରିବର୍ତ୍ତନ ଆଦିକୁ ସାମିଲ କରାଯାଇଛି ।

### ଦ୍ରୁତ ଅଭିବୃଦ୍ଧିରେ ଓଡ଼ିଶା...

ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଆଗୁଆ ରହିଛି । ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ(ଜିଡିପି) ଓ ଋଣ ବୋଝ ଅନୁପାତ କ୍ରମାଗତ ହ୍ରାସ ପାଇ ୧୪.୭%ରେ ପହଞ୍ଚିଛି । ୨୦୨୨–୨୩ରେ ରାଜ୍ୟର ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିଥିବା ବେଳେ ୨୦୨୩–୨୪ ଆର୍ଥିକ ବର୍ଷରେ ଏହା ୮ରୁ ୮.୫ ପ୍ରତିଶତ ରହିବ ।

୨୦୨୧–୨୨ରେ ରାଜ୍ୟର ସାମଗ୍ରିକ ଘରୋଇ ଅଭିବୃଦ୍ଧି ୧୧.୫ ପ୍ରତିଶତ ଥିଲା । କୋଭିଡ୍ ସତ୍ତ୍ୱେ ୨୦୧୩–୧୪ରୁ ୨୦୨୧–୨୨ ମଧ୍ୟରେ ରାଜ୍ୟର ଅଭିବୃଦ୍ଧି ୭.୯ ପ୍ରତିଶତ ରହିଛି । ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ରାଜ୍ୟ ରାଜସ୍ୱ ସଂଗ୍ରହରେ ରେକର୍ଡ ସୃଷ୍ଟି କରିଥିବା ବେଳେ ମୁଣ୍ଡ ପିଛା ଆୟ ବଢିଛି । ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟ ମଧ୍ୟ ବି ୨୦୨୨–୨୩ ଆର୍ଥିକ ବର୍ଷରେ ୧ ଲକ୍ଷ ୫୦ ହଜାର ୬୭୬ ଟଙ୍କାରେ ପହଞ୍ଚିଛି । ଏହା କିନ୍ତୁ ଜାତୀୟ ହାରଠାରୁ ପାଖାପାଖି ୨୦ ହଜାର ଟଙ୍କା କମ୍ । ଅର୍ଥାତ୍ ଭାରତୀୟଙ୍କ ମୁଣ୍ଡପିଛା ଆୟ ୧ଲକ୍ଷ ୭୦ ହଜାର ୬୨୦ ଟଙ୍କା ରହିଛି । ସରକାର ସୁଧୁରିଥିବା ବ୍ୟବସ୍ଥା ସଂପର୍କରେ ଦାବି ଦୋହରାଇ ଏହି ଅବସରରେ ଗତ କିଛି ବର୍ଷର ମୁଣ୍ଡପିଛା ଆୟ ତଥ୍ୟ ରଖିଛନ୍ତି । ରିପୋର୍ଟରେ କୁହାଯାଇଛି ଯେ ୨୦୧୫–୧୬ରେ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟ ୬୪,୮୩୫ ଟଙ୍କା ଥିବାବେଳେ ଭାରତୀୟଙ୍କ ମୁଣ୍ଡପିଛା ଆୟ ୯୪,୭୮୭ ଟଙ୍କା ଥିଲା । ତୁଳନାତ୍ମକ ଭାବେ ଦେଖିଲେ ୮ ବର୍ଷ ମଧ୍ୟରେ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟ ପାଖାପାଖି ୮୬ ହଜାର ଟଙ୍କା ବଢ଼ିଛି । ଅନ୍ୟପକ୍ଷରେ ଭାରତୀୟଙ୍କ ମୁଣ୍ଡପିଛା ଆୟ ଏହି ସମୟ ମଧ୍ୟରେ ୭୫ ହଜାର ଟଙ୍କା ବୃଦ୍ଧିପାଇଛି । ଏଥିସହିତ ଗତ ୭ ବର୍ଷ ମଧ୍ୟରେ ଦେଶ ଓ ରାଜ୍ୟର ମୁଣ୍ଡପିଛା ଆୟ କ୍ଷେତ୍ରରେ ରହିଥିବା ପାର୍ଥକ୍ୟ ହ୍ରାସ ପାଇଛି । ୨୦୧୫–୧୬ରେ ଉକ୍ତ ପାର୍ଥକ୍ୟ ୩୧.୬ ପ୍ରତିଶତ ଥିବାବେଳେ ୨୦୨୨–୨୩ରେ ଏହା ୧୨ ପ୍ରତିଶତକୁ ଖସିଆସିଛି । ୨୦୧୧–୧୨ରୁ ୨୦୨୨–୨୩ ମଧ୍ୟରେ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟର ବାର୍ଷିକ ଅଭିବୃଦ୍ଧି ୧୦.୯ ପ୍ରତିଶତ ରହିଛି । ସେହି ସମୟରେ ଭାରତୀୟଙ୍କ ମୁଣ୍ଡପିଛା ଅଭିବୃଦ୍ଧି ୯.୪ ପ୍ରତିଶତ ରହିଥିବା ଦର୍ଶାଯାଇଛି ।

୨୦୨୨–୨୩ରେ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଛି । ରାଜ୍ୟରେ ୨୦୨୧–୨୨ରେ ମୁଦ୍ରାସ୍ଫୀତି ୩.୭ ପ୍ରତିଶତ ଥିବାବେଳେ ୨୦୨୨ ଡିସେମ୍ବର ସୁଦ୍ଧା ଏହା ୬.୬୫ ପ୍ରତିଶତ ହୋଇଛି । ୨୦୨୨–୨୩ ଆର୍ଥିକ ବର୍ଷରେ ଜାତୀୟ ସ୍ତରରେ କୃଷି କ୍ଷେତ୍ରରେ ଅଭିବୃଦ୍ଧି ହାର ୩.୫ ପ୍ରତିଶତ ଆକଳନ କରାଯାଇଥିବା ବେଳେ ଓଡ଼ିଶାରେ ଅଭିବୃଦ୍ଧି ହାର ୬ ପ୍ରତିଶତ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଛି । ୨୦୨୧–୨୨ ତୁଳନାରେ ଚଳିତବର୍ଷ ଓଡ଼ିଶାର କୃଷି କ୍ଷେତ୍ର ଯଥେଷ୍ଟ ଅଧିକ ମାତ୍ରାରେ ଆଗକୁ ବଢ଼ିଛି । ୨୦୨୧–୨୨ରେ ଓଡ଼ିଶାର କୃଷିକ୍ଷେତ୍ରର ଅଭିବୃଦ୍ଧି ୨.୪ ପ୍ରତିଶତ ରହିଥିଲାବେଳେ ଦେଶର କୃଷି ଅଭିବୃଦ୍ଧି ୩ ପ୍ରତିଶତ ରହିଥିଲା । ମାଛଚାଷ କ୍ଷେତ୍ରରେ ଓଡ଼ିଶା ଦେଶର ପ୍ରମୁଖ ୫ଟି ରାଜ୍ୟ ମଧ୍ୟରେ ରହିଥିବା କୁହାଯାଇଛି ।

ସେହିପରି ଶିଳ୍ପ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୬.୦୫ ପ୍ରତିଶତ ହୋଇଥିବା ବେଳେ ସେବା କ୍ଷେତ୍ରରେ ୮.୭୯ ପ୍ରତିଶତ ହେବ ବୋଲି ରିପୋର୍ଟରେ କୁହାଯାଇଛି । ରୋଜଗାର ବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ରାଜ୍ୟରେ ମହିଳାମାନଙ୍କୁ ଆତ୍ମନିଯୁକ୍ତିରେ ଜାତୀୟ ହାରଠୁ ଓଡ଼ିଶା ଅଧିକ ସଫଳତା ପାଇଛି । ମହିଳାଙ୍କ ନିଯୁକ୍ତି ହାର ଜାତୀୟ ସ୍ତରରେ ୩୨.୫ ପ୍ରତିଶତ ଥିବାବେଳେ ଓଡ଼ିଶାରେ ନିଯୁକ୍ତି ହାର ୩୩.୨ ପ୍ରତିଶତ ରହିଛି । ବିତ୍ତୀୟ ପରିଚାଳନାରେ ଓଡ଼ିଶା ଭଲ ପ୍ରଦର୍ଶନ କରିଆସିଛି । ଗତ ୧୭ ବର୍ଷରେ ନିରନ୍ତର ଭାବେ ବଳକା ରାଜସ୍ୱ ଭାବେ ଓଡ଼ିଶା ମାନ୍ୟତା ପାଇଛି ।୨୦୧୯–୨୦ରେ ରାଜ୍ୟ ଘରୋଇ ଉତ୍ପାଦରେ ଅନ୍ୟ ରାଜ୍ୟକୁ ପଛରେ ପକାଇଛି । ହରିୟାଣା, ମହାରାଷ୍ଟ୍ର, ଗୁଜରାଟ, କର୍ନାଟକ, ତାମିଲନାଡୁକୁ ଓଡ଼ିଶା ପଛରେ ପକାଇଛି ।

ତେବେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଆଦି କ୍ଷେତ୍ରରେ ପଡ଼ୋଶୀ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ମୁଣ୍ଡ ପିଛା ବ୍ୟୟରେ ବହୁ ପଛରେ ରହିଛି । ଯଦିଓ ଅନ୍ତର୍ଜାତୀୟ ଯୁଦ୍ଧ ପରିସ୍ଥିତି, ଜିଏସ୍‌ଟି କ୍ଷତିପୂରଣ ବନ୍ଦ, ଅସ୍ଥିର ଖଣି ରାଜସ୍ୱ, କେନ୍ଦ୍ରୀୟ ଟିକସ ଭାଗୀଦାରି ହ୍ରାସ, ପିପିପି ମୋଡ୍‌ରେ ଭିତ୍ତିଭୂମି ବ୍ୟୟ, ଶକ୍ତି କ୍ଷେତ୍ର ପାଇଁ ଗ୍ୟାରେଣ୍ଟର ଏବଂ ବାରମ୍ବାର ବିପର୍ଯ୍ୟୟ ପରିଚାଳନା ଆଦିର ମୁକାବିଲା ପାଇଁ ସରକାର ଏକାଧିକ ଆର୍ଥିକ ପଦକ୍ଷେପ ନେଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦାବି କରାଯାଇଛି । ୨୦୨୧–୨୨ରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଓ ପ୍ରଦର୍ଶନ ସନ୍ତୋଷଜନକ ରହିଥିବା ବେଳେ ୨୦୨୨–୨୩ରେ ଏହି ଟ୍ରେଣ୍ଡ ଜାରି ରହିବ ବୋଲି ସରକାର ଆଶା ରଖିଛନ୍ତି ।

### କିଏ ଛାଡୁଛି ଫଟୋ...

ଏଥିସହିତ ହତ୍ୟାକାଣ୍ଡରେ ବିଜେପି ରାଜନୀତିକରଣ କରୁଥିବା ଅଭିଯୋଗ ଆଣି ବର୍ଷିଥିଲେ ନବୀନ । ସେପଟେ କ୍ରାଇମବ୍ରାଞ୍ଚ ତଣ୍ଟିରେ ଲାଗିଛି ଗୋପାଳ କଣ୍ଟା । କେବଳ ଗୋପାଳକୁ ହିଁ ଅଭିଯୁକ୍ତ ବୋଲି ଦର୍ଶାଉଥିବା କ୍ରାଇମବ୍ରାଞ୍ଚର ଫୋକସ୍ ରହିଛି ତାର ମାନସିକ ରୋଗ ଉପରେ । ଯାହାର ଯାଞ୍ଚ ଲାଗି ଝାରସୁଗୁଡ଼ା କୋର୍ଟରେ ଆବେଦନ କରିଥିଲା କ୍ରାଇମବ୍ରାଞ୍ଚ । କିନ୍ତୁ କୋର୍ଟ ଆବେଦନକୁ ଖାରଜ କରି ଚୌଦ୍ୱାର ଜେଲରେ ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଅବକାରୀ ଚଢ଼ାଉ: ମଦ ଜବତ, ୩ ଗିରଫ

ରାୟଗଡା: ରାୟଗଡା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଓଡ଼ିଶା ଏବଂ ଆନ୍ଧ୍ର ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଆନ୍ଧ୍ର ଓଡିଶା ସୀମାନ୍ତରେ ସାନ ସାନ୍ଦୁବାଡି ଏବଂ ଶୀକାବାଡିରେ ଚଢ଼ାଉ କରାଯାଇଥିଲା । ଜିଲ୍ଲା ଅବକାରୀ ଅଧିକ୍ଷକ ଅଭିରାମ ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି ଅତର୍କିତ ଚଢ଼ାଉରେ ଓଡିଶା ଅବକାରୀ ବିଭାଗର ୬୫ ଅଧିକାରୀ ଆନ୍ଧ୍ର ଅବକାରୀ ବିଭାଗର ୩୯ ଅଧିକାରୀ ଏବଂ ଶେଷଖାଲ ଥାନା ଆରକ୍ଷି ବିଭାଗ ତରଫରୁ ୧୦ଜଣ ଭାଗ ନେଇଥିଲେ । ସାନ ସାନ୍ଦୁବାଡି ଓ ଶୀକାବାଡି ଅଞ୍ଚଳରେ ବେଆଇନ ଦେଶୀ ମଦ କାରବାର ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଏହାପରେ ଅବକାରୀ ବିଭାଗ ପକ୍ଷରୁ ଏଠାରେ ଚଢ଼ାଉ କରାଯାଇଥିଲା । ଉକ୍ତ ଚଢ଼ାଉରେ ୩ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିଲା । ଅଭିଯୁକ୍ତମାନେ ହେଲେ ରାଜୁ ଗାଣ୍ଟା (୪୫), ଫୁଲନ୍ତି ଗାଣ୍ଟା (୪୮), ରତ୍ନାଲୁ କ୍ରିଷ୍ଟା ରାଓ (୫୦) । ଉକ୍ତ ଚଢ଼ାଉରେ ୬୧୦୦ ଲିଟର ଦେଶୀ ପୋଚ, ୨୦୦ କିଲୋ ମହୁଲ, ୬୭୪ ଲିଟର ଦେଶୀମଦ ଜବତ ହୋଇଥିଲା । ଗ୍ରାମ ପରିସରର ୩ ଟି ସ୍ଥାନରୁ ଉକ୍ତ ୬୧୦୦ ଲିଟର ଦେଶୀ ପୋଚ ଏବଂ ୫୫ଟି ଡ୍ରମ ଜବତ ହେଇଥିଲା । ଜିଲ୍ଲା ଅବକାରୀ ବିଭାଗ ତରଫରୁ ହେଇଥିବା ଏହା ଏକ ସବୁଠୁ ବଡ ଧରଣର ଚଢ଼ାଉ ଭାବେ ପରିଗଣିତ ହେଉଛି । ଚଢ଼ାଉ ସମୟରେ ଜବତ ହେଇଥିବା ମହୁଲର ମୂଲ୍ୟ ଆନୁମାନିକ ୨୫୦୦ ଟଙ୍କା ଏବଂ ଜବତ ଦେଶୀ ମଦ ଏବଂ ପୋଚର ମୂଲ୍ୟ ୪ ଲକ୍ଷ୍ୟ ୬୦୦୦ ଟଙ୍କା ହେବ ବୋଲି ଅଭିରାମ ବେହେରା ସୂଚନା ଦେଇଛନ୍ତି । ଆନ୍ଧ୍ର ଓଡିଶା ମିଳିତ ଚଢ଼ାଉର ଆକ୍ସନପ୍ଲାନ ଅବକାରୀ କମିଶନର ଆଶିଷ କୁମାର ସିଂ,ରାୟଗଡା ଜିଲ୍ଲାପାଳ ସ୍ୱଧାଦେବ ସିଂ ଏବଂ ରାୟଗଡା ଆରୋକ୍ଷୀ ଅଧିକାରୀ ବିବେକାନନ୍ଦ ଶର୍ମାଙ୍କ ଅନୁକୂଲ୍ୟରେ ହେଇଥିବା ଜିଲ୍ଲା ଅବକାରୀ ଅଧିକାରୀ ଅଭିରାମ ବେହେରା ସୂଚନା ଦେଇଛନ୍ତି ।

## ଶିକ୍ଷୟିତ୍ରୀଙ୍କୁ ଅଶାଳୀନ ଇଙ୍ଗିତ କରି ହରଡ଼ଘଣାରେ ଶିକ୍ଷକ

ଭବାନୀପାଟଣା: କଳାହାଣ୍ଡି ଜିଲ୍ଲା ସଦର ବ୍ଲକ ଅଧୀନ ଭେଜିପଦର ସରକାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କୁ ଅଶାଳୀନ ପ୍ରଶ୍ନ ପଚାରି ସ୍କୁଲ୍‌ର ସହକର୍ମୀ ଶିକ୍ଷକ ଜଣକ ହରଡଘଣାରେ । ଏ ନେଇ ଶିକ୍ଷୟିତ୍ରୀ ଜଣକ ବ୍ଲକ୍ ଶିକ୍ଷ୍ୟାଅଧିକାରୀଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ସାମ୍ବାଦିକମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ଶିକ୍ଷୟିତ୍ରୀ ଜଣକ ଅନୁପସ୍ଥିତ ଥିଲେ । କିନ୍ତୁ ଅଭିଯୁକ୍ତ ଶିକ୍ଷକ ଉପସ୍ଥିତ ରହିଁ ମଧ୍ୟ ସାମ୍ବାଦିକଙ୍କ ନା ଶୁଣିବମାତ୍ରକେ ଦୌଡ଼ି ପଳାଇଥିଲେ । ଦୀର୍ଘ ସମୟ ସାମ୍ବାଦିକମାନେ ଅପେକ୍ଷା କରିଥିଲେ ମଧ୍ୟ ଅଭିଯୁକ୍ତ ଶିକ୍ଷକ ଜଣକ ଆଉ ଫେରିନଥିଲେ । ଏଇବାବଦରେ ସାମ୍ବାଦିକ ମାନେ ଖୋଳତାଡ଼ କରିବାରୁ ଜାଣିବାକୁ ପାଇଲେ ଯେ କୁଆଡେ ଶିକ୍ଷକ ଜଣକ ତାଙ୍କ ସହକର୍ମୀ ଶିକ୍ଷୟତ୍ରୀଙ୍କୁ କୋଉ କମ୍ପାନୀର ଆନ୍ତବସ୍ତ୍ର ପିନ୍ଧୁଛ, ତୁମେ ବହୁତ ସୁନ୍ଦର ଦିଶୁଛ, ଆଦି ଅଶାଳୀନ ଇଙ୍ଗିତ ପ୍ରଦର୍ଶନ ଦୀର୍ଘ ଦିନ ହେବ କରିଆସୁଥିଲେ । କିନ୍ତୁ ଶିକ୍ଷୟତ୍ରୀ ଜଣକ ତାଙ୍କ ମନ୍ତବ୍ୟରେ ଅତିଷ୍ଠ ହେବାରୁ ଲିଖିତ ଅଭିଯୋଗ ଆଣିଛନ୍ତି ଶିକ୍ଷକଙ୍କ ବିରୋଧରେ । ଘଟଣାର ଅନୁସନ୍ଧାନ ଚାଲିଛି । ସତ୍ୟାସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି ଉଚ୍ଚ ପଦସ୍ଥ ବିଭାଗୀୟ ଅଧିକାରୀ ।

# କ୍ରିକେଟ୍-ବଲିଉଡ୍ ଯୋଡ଼ି


## ଅଭିନେତ୍ରୀଙ୍କୁ ମନ ଦେଇ ବସିଥିଲେ ଏହି କ୍ରିକେଟର



କଥାରେ ଅଛି ଯୋଡି ଉପରବାଲା ବନାଇଥାନ୍ତି । କିଏ କାହା ହାଣ୍ଡିରେ ଚାଉଳ ପକାଇବ ତାହା ପୂର୍ବରୁ ସ୍ଥିର ହୋଇଥାଏ । ଏହାଛଡା କେତେବେଳେ କିଏ କାହା ପ୍ରେମରେ ପଡିବ ତାହା କାହାକୁ ବା ଜଣା । ତେବେ କିଛି ଭାରତୀୟ କ୍ରିକେଟରଙ୍କ ମନ ଚୋର କରି ନେଇଥିଲେ ବଲିଉଡ ଅଭିନେତ୍ରୀ । ବନ୍ଧୁତା, ପ୍ରେମ ଓ ପରେ ବିବାହର ରୂପ ନେଇଥିଲା ସେମାନଙ୍କ ସମ୍ପର୍କ । ଆଉ ବନିଯାଇଥିଲା ବଲିଉଡ–କ୍ରିକେଟ୍‌ର କିଛି ଚର୍ଚ୍ଚିତ ଯୋଡି । ନିକଟରେ ଭାରତୀୟ ବ୍ୟାଟର ଲୋକେଶ ରାହୁଲ ଓ ଆଥିୟା ସାତ ଜନ୍ମର ସାଥୀ ହୋଇଛନ୍ତି । ଖାଲି ରାହୁଲ ଆଥିୟା ନୁହଁନ୍ତି ଆହୁରି କିଛି ଭାରତୀୟ କ୍ରିକେଟର୍ ବଲିଉଡ ଅଭିନେତ୍ରୀଙ୍କୁ ବିବାହ କରିଛନ୍ତି । ଆଗକୁ ପ୍ରେମ ଦିବସ ଆସୁଛି ତେବେ ନଜର ପକାନ୍ତୁ କିଏ କିଏ ସେହି କ୍ରିକେଟର ଯାହାଙ୍କ ମନ ଚୋରି କରିଥିଲେ ବଲିଉଡ ଅଭିନେତ୍ରୀ । ଆଉ ଦୁହେଁ ଦୁହିଁଙ୍କୁ ଜୀବନସାଥୀ କରିଥିଲେ ।

### ରାହୁଲ–ଆଥିୟା

ଭାରତୀୟ କ୍ରିକେଟ୍ ଖେଳାଳି ଏବଂ ବଲିଉଡ୍ ଅଭିନେତ୍ରୀଙ୍କ ଯୋଡ଼ିରେ ଆଉ ଏକ ନୂଆ ନା' ଯୋଡ଼ି ହୋଇଛି । ପରସ୍ପରକୁ ଜୀବନସାଥୀ କରିଛନ୍ତି କ୍ରିକେଟର୍ କେଏଲ ରାହୁଲ ଓ ଅଭିନେତ୍ରୀ ଆଥିୟା ସେଠୀ । ୪ ବର୍ଷ ପରସ୍ପରକୁ ଡେଟ୍ କରି ଆସୁଥିବା ଏହି ଯୋଡି ଚଳିତ ବର୍ଷ ଜାନୁଆରୀ ୨୩ ତାରିଖରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ସୁନୀଲ ସେଠୀଙ୍କ ଝିଅ ଆଥିୟା ସେଠୀ । ସୁନୀଲଙ୍କ ଖଣ୍ଡାଲା


ହାର୍ଦ୍ଦିକ–ନତାଶା

ସ୍ଥିତ ବଙ୍ଗଳାରେ ଉଭୟଙ୍କ ବିବାହ ସମ୍ପର୍ଣ୍ଣ ହୋଇଥିଲା । ଆଥିୟା ଶେଟ୍ଟୀ ଏବଂ କେ.ଏଲ୍ ରାହୁଲଙ୍କ ପାରିବାରିକ ପୃଷ୍ଠଭୂମି ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଆଥିୟା ହେଉଛନ୍ତି ବଲିଉଡ୍‌ର ପ୍ରସିଦ୍ଧ ଅଭିନେତା ସୁନୀଲ ଶେଟ୍ଟୀଙ୍କ ଝିଅ । ତାଙ୍କ ମା ମାନା ଶେଟ୍ଟୀ ଜଣେ ଫ୍ୟାଶନ ଡିଜାଇନର୍ ଏବଂ ସାମାଜିକ କର୍ମୀ । ଆଥିୟାଙ୍କ ଭାଇ ଅହାନ୍ ଶେଟ୍ଟୀ ମଧ୍ୟ ଜଣେ ବଲିଉଡ୍ ଅଭିନେତା । ଅନ୍ୟପଟେ କେ.ଏଲ୍ ରାହୁଲଙ୍କ ବାପା ଲୋକେଶ କର୍ଣ୍ଣାଟକର ନ୍ୟାସ୍ନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରଫେସର ତଥା ପୂର୍ବତନ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଛନ୍ତି । ତାଙ୍କ ମା' ରାଜେଶ୍ୱରୀ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ପ୍ରଫେସର । ଆଥିୟା ହିରୋ, ମୋତିଚୁର ଓ ମୁବାରକ ଆଦି ଫିଲ୍ମରେ ଅଭିନୟ କରିଛନ୍ତି ।


### ବିରାଟ–ଅନୁଷ୍କା


ବିରାଟ–ଅନୁଷ୍କା

ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ପ୍ରେମରେ ପଡିଥିଲେ ଭାରତୀୟ କ୍ରିକେଟର ବିରାଟ କୋହଲି । ପ୍ରଥମେ ଉଭୟ ପରସ୍ପରକୁ ଡେଟ କରୁଥିଲେ । ସମ୍ପର୍କକୁ ନେଇ କେବେ ଖୁଲାସା କରିଥିଲେ । ସମୟ ଗଡିବା ସହ ସେମାନଙ୍କ ସମ୍ପର୍କ ମଧ୍ୟ ନୀବିଡ ହୋଇଥିଲା । ଧୀରେ ଧୀରେ ଗୋଟିଏ ଗୋଟିଏ ବିଜ୍ଞାପନରେ ନଜର ଆସିଥିଲେ ଏହି ଯୋଡି । ପରବର୍ତ୍ତୀ ସମୟରେ ୨୦୧୭ ଡିସେମ୍ବର ୧୧ ତାରିଖରେ ବିରାଟ ଓ ଅନୁଷ୍କା ସିକ୍ରେଟ୍ ବିବାହ କରିଥିଲେ । ୨୦୨୧ ମସିହାରେ ପିତାମାତା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ଏହି ଦମ୍ପତି । ଉଭୟଙ୍କର ଏକ ଶିଶୁକନ୍ୟା ଅଛି ଯାହାଙ୍କ ନାମ ଭାମିକା । ଏହି ଯୋଡିଙ୍କ ବିବାହକୁ ଚଳିତ ବର୍ଷ ୬ ବର୍ଷ ହେବାକୁ ଯାଉଛି ।

### ଯୁବରାଜ–ହେଜଲ୍


ଭାରତୀୟ କ୍ରିକେଟର ଯୁବରାଜ ସିଂହ ଯିଏକି ସିକ୍ସର କିଙ୍ଗ ନାମରେ ଜଣାଶୁଣା । ତାଙ୍କ ହୃଦୟରେ ମଧ୍ୟ ଘର କରିଥିଲେ ଜଣେ ଅଭିନେତ୍ରୀ । ବଲିଉଡ ଅଭିନେତ୍ରୀ ହେଜଲ କିଚଙ୍କୁ ମନ ଦେଇ ବସିଥିଲେ ଯୁବରାଜ ସିଂ । ୨୦୧୬ରେ ଯୁବରାଜ ସିଂହ ଓ ହିଜଲ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ଗତବର୍ଷ ଉଭୟ ପିତାମାତା ହେବାର ସୌଭାଗ୍ୟ ଅର୍ଜନ


ଯୁଜବେନ୍ଦ୍ର–ଧନୁଶ୍ରୀ

କରିଥିଲେ । ତାଙ୍କର ଏକ ପୁତ୍ର ସନ୍ତାନ ଅଛି । ହେଜଲ ଅନେକ ବଲିଉଡ ଫିଲ୍ମରେ ଅଭିନୟ କରିଛନ୍ତି । ବଡିଗାର୍ଡ, ବିଲା, ହ୍ୟାରି ପୋଟର, ହିର ଆଣ୍ଡ ହିରୋ ଭଳି ଫିଲ୍ମରେ ଅଭିନୟ କରିଛନ୍ତି ଏହି ଅଭିନେତ୍ରୀ । ଏହା ସହ ରିଆଲିଟି ସୋ ବିଗ ବସ ୨୦୧୩ରେ ମଧ୍ୟ ନଜର ଆସିଥିଲେ ହେଜଲ୍ ।

### ହରଭଜନ–ଗୀତା


ଭାରତର ପୂର୍ବତନ କ୍ରିକେଟର ହରଭଜନ ସିଂହ ମଧ୍ୟ ଜଣେ ଅଭିନେତ୍ରୀଙ୍କୁ ବିବାହ କରିଛନ୍ତି । ଅକ୍ଟୋବର ୨୯, ୨୦୧୫ରେ ଅଭିନେତ୍ରୀ ଗୀତା ବସ୍ରାଙ୍କୁ ପଞ୍ଜାବର ଜଳନ୍ଧରରେ ବିବାହ କରିଥିଲେ ହରଭଜନ । ତାଙ୍କର ବିବାହରେ କ୍ରିକେଟ୍ ଓ ଫିଲ୍ମ ଜଗତର ବହୁ ନାମୀଦାମୀ ଷ୍ଟାରମାନେ ଯୋଗଦେଇଥିଲେ । ଉଭୟ ପତିପତ୍ନୀଙ୍କର ପୂର୍ବରୁ ଗୋଟେ ଝିଅ ଓ ପୁଅ ରହିଛନ୍ତି । ଜୁଲାଇ ୨୦୧୬ରେ ପ୍ରଥମ କନ୍ୟା ସନ୍ତାନର ପିତାମାତା ହୋଇଥିଲେ ଏହି ସେଲିବ୍ରେଟି ଯୋଡି । ପରେ ୨୦୨୧ରେ ପୁତ୍ର ସନ୍ତାର ପିତାମାତା ହୋଇଥିଲେ ଏହି ଦମ୍ପତି । ପ୍ରକାଶ ଥାଉକି ଉଭୟ ପରସ୍ପରକୁ ବହୁଦିନ ଧରି ଡେଟ୍ କରୁଥିଲେ ।


ହରଭଜନ–ଗୀତା

### ହାର୍ଦ୍ଦିକ–ନତାଶା

ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ମନକୁ ଚୋରି କରି ନେଇଥିଲେ ଅଭିନେତ୍ରୀ ନତାଶା ଷ୍ଟାନକୋଭିକ । ୨୦୨୦ ମସିହା ମଇ ମାସ ୩୧ ତାରିଖରେ ଉଭୟ ବିବାହ କରିଥିଲେ । ନିର୍ବନ୍ଧର ୫ ମାସ ପରେ ପରସ୍ପରକୁ ଜୀବନସାଥୀ କରିଥିଲେ ଏହି ଯୋଡି । ଫିଲ୍ମ ସତ୍ୟାଗ୍ରହ ଜରିଆରେ ବଲିଉଡରେ ଡେବ୍ୟୁ କରିଥିଲେ ନତାଶା । ଉଭୟ ପୁତ୍ରସନ୍ତାନର ପିତାମାତା ହୋଇ ସାରିଛନ୍ତି । ପୂର୍ବରୁଉଭୟେ କୋର୍ଟ ମ୍ୟାରେଜ୍ କରିଥିବା ବେଳେ ନିକଟରେ ଉଭୟ ପୁଣିଥରେ ବିବାହ କରିଛନ୍ତି । ଭ୍ୟାଲେଣ୍ଟାଇନ୍ ଦିନ ଉଭୟ ବୈଦିକ ରୀତିରେ ବିବାହ କରିଛନ୍ତି ।

### ଜାହିର–ସାଗରିକା


ଜାହିର–ସାଗରିକା

ଭାରତୀୟ ଦଳର ପୂର୍ବତନ ଖେଳାଳି ଜାହିର ଖାନ ମଧ୍ୟ ଜଣେ ବଲିଉଡ ଅଭିନେତ୍ରୀଙ୍କ ମନରେ ଘର କରିଥିଲେ । ଅଭିନେତ୍ରୀ ସାଗରିକା ଘାଟକେଙ୍କୁ ବିବାହ କରିଥିଲେ ଜାହିର ଖାନ୍ । ୨୦୧୭ ମସିହାରେ ଜାହିର ଓ ସାଗରିକା ପରସ୍ପରକୁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଉଭୟଙ୍କ ବିବାହକୁ ୬ ବର୍ଷ ପୂରଣ ହେବାକୁ ଯାଉଛି । ସାଗରିକା ଘାଟକେ ବଲିଉଡ ଅନେକ ଫିଲ୍ମରେ ଅଭିନୟ କରିଛନ୍ତି । ଶାହାରୁଖ ଖାନଙ୍କ ଚକ ଦେ ଇଣ୍ଡିଆ ଫିଲ୍ମରେ ଜଣେ ହକି ଖେଳାଳିର ଭୂମିକା ତୁଲାଇଥିଲେ ସାଗରିକା । ଏହାଛଡା ଫକ୍ସ, ମିଲେ ନା ମିଲେ ହମ, ରସ ଆଣ୍ଡ ଇରାଦା ଯାହାକି ଜାତୀୟ ପୁରସ୍କାର ପାଇଛି ସେଥିରେ ଅଭିନୟ କରିଛନ୍ତି ସାଗରିକା ।

### ଯୁଜବେନ୍ଦ୍ର–ଧନୁଶ୍ରୀ

ଭାରତୀୟ ସ୍ପିନ ବୋଲର ଯୁଜବେନ୍ଦ୍ର ଚହଲ ମଧ୍ୟ ଜଣେ କଳାକାରଙ୍କୁ ମନ ଦେଇ ବସିଥିଲେ । କୋରିଓଗ୍ରାଫର ଧନୁଶ୍ରୀ ବର୍ମା ଓ ଚହଲ ଅନ୍ୟତମ କ୍ରିକେଟ ବଲିଉଡ ଯୋଡି ଭାବେ ପରସ୍ପରକୁ ଜୀବନସାଥୀ କରିଛନ୍ତି । ଉଭୟ ୨୦୨୦ ମସିହା ଡିସେମ୍ବରରେ ବିବାହ କରିଥିଲେ । କିଛି ଦିନ ତଳେ ଉଭୟଙ୍କ ସମ୍ପର୍କକୁ ନେଇ ଗୁଜବ ଉଠୁଥିଲେ ବି ଲୋକଙ୍କ କାମ ଗପିବା ବୋଲି କହି ଜବାବ ଦେଇଥିଲେ ଏହି ଯୋଡି ।


ଯୁବରାଜ–ହେଜଲ୍

Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ– ଡ. ଜ୍ୟୋତିର୍ମୟ ପଟ୍ଟନାୟକ